ପାଏନ୍ ନଳୀଥି ୧୦ ମି.ଲି. ପାନି ପିପେଟ୍ କରି କୋନିକାଲ ଫ୍ଲାସ୍କରେ ରଖୁନ୍ । ଫିନୋଲଫଥାଲିନ୍ ଦୁଇ ଥୁପା ଆଉ ବରଫ ଜାଗାନୁ ଥଣ୍ଡା କରୁନ୍ । ବ୍ୟୁରେଟ୍‌ନୁ HCl ଅମ୍ଳ କେ ବୁନ୍ଦା ବୁନ୍ଦା ପକ ଯେତେବେଲ ତକ୍ ଗୋଲାପୀ ରଙ୍ଗ ପୁରା ଲିଭିନାଇଯାଇଛେ, ବ୍ୟୁରେଟର ଲେଖାକେ ଲେଖ । ତିନ୍ ଥର ସମାନ ସଂଖ୍ୟା ବାହାରବା ତକ୍ ଟାଇଟ୍ରେଟ୍ କର । ପହେଲା ଆଉ ଇତାର ଲେଖାର ତଫାତ୍ ପାର୍ଥକ୍ୟ କେତେ ($V_1$) ବାହାର କର । ତାପରେ ମିଥାଇଲ୍ ଓରେଞ୍ଜ ୨ ଥୁପା ମିଶା । ଫେର୍ HCl ଅମ୍ଳ ସାଙ୍ଗେ ଟାଇଟ୍ରେଟ୍ କର ଯେତେବେଲ ତକ ହଳଦିଆଟା ଲାଲା ନାଇ ହେଇଛେ । ତିନିଥର ସମାନ ସଂଖ୍ୟା ପାଇବାର୍ ତକ୍ ଜାରିରଖ । ପହେଲା ଆଉ ଇଥର ଲେଖାର ପାର୍ଥକ୍ୟ ବାହାର କର $V_2$ ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ପାନି ନମୁନାର ଆୟତନ (ମି.ଲି.) | ବ୍ୟୁରେଟ୍ ପଠନ (ମିଲି) | | | ପାର୍ଥକ୍ୟ (ମିଲିରେ) | | ମନ୍ତବ୍ୟ |
|---|---|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ I.B.R. (a) | ଶେଷ୍ ବ୍ୟୁରେଟ୍ ପଠନମୂଲ୍ୟ F.B.R. (1st) (b) | ଶେଷ୍ ବ୍ୟୁରେଟ୍ ପଠନମୂଲ୍ୟ F.B.R. (2nd) (c) | (b-a) $V_1$ | (c-a) $V_2$ | |
| 1 | | | | | | | ପାଖାପାଖି |
| 2 | | | | | | | ସଂଗତ |
| 3 | | | | | | | |
| 4 | | | | | | | |

I.B.R. - ପହେଲା ବ୍ୟୁରେଟ୍ ପଠନମୂଲ୍ୟ

F.B.R. - ଶେଷ ବ୍ୟୁରେଟ୍ ପଠନମୂଲ୍ୟ

**ଗଣନା / ହିସାବ :**

$NaOH + \frac{1}{2} Na_2CO_3 = V_1$ (ମିଲି) HCl ବେଭାର୍ କରାଯାଇଛେ... (୧)

$NaOH + Na_2CO_3 = V_2$ (ମିଲି) HCl ବେଭାର୍ କରାଯାଇଛେ... (୨)

ସମୀକରଣ ( ୧ ) ରୁ ସମୀକରଣ ( ୨ ) କେ ବିୟୋଗ୍ କର୍‌ଲେ

$\frac{1}{2}Na_2CO_3 = V_2 - V_1$ (ମିଲି) HCl ବେଭାର୍ କରାଯାଇଛେ

$Na_2CO_3 = 2(V_2 - V_1)$ (ମିଲି) HCl ବେଭାର୍ କରାଯାଇଛେ

NaOH କୁ ପ୍ରଶମନ କର୍‌ବା ଲାଗି ଦରକାର୍ ଅମ୍ଳର ଆୟତନ୍ = $V_2 - 2(V_2 - V_1)$ ମିଲି

**$Na_2CO_3$ ର ପରିମାଣ :**

ଆମେ ଜାଣୁ ଯେ,

୧୦୦୦ ମିଲି ୧N HCl = ୫୩ ଗ୍ରାମ $Na_2CO_3$

୧ ମିଲିର ୧N HCl = ୫୩/ ୧୦୦୦ ଗ୍ରାମ $Na_2CO_3$

୧ ମିଲି ର (A)N/10 HCL = $\frac{53A}{10x1000}$ $Na_2CO_3$ ଗ୍ରାମ, ଯେନ (A) N/10 ହେଉଛେ HCL ର ମାନକ ଦାମ

$2(V_2 - V_1)$ ମିଲି ର "A" N/10 HCl = $\frac{53AX2(V_2-V_1)}{10000}$ ଗ୍ରାମ $Na_2CO_3$ = X ଗ୍ରାମ $Na_2CO_3$

ଯୋଗାଇ ଦିଆଯାଇଥିବା ପାନି ନମୁନାରେ ୧୦ ମିଲିରେ X ଗ୍ରାମ $Na_2CO_3$ ଅଛେ ।

ତାହେଲେ ୧୦୦୦ ମିଲି ଯୋଗାଇ ଦିଆଯାଇଥିବା ପାନି ନମୁନାରେ ୧୦୦ X ଗ୍ରାମ /ଲିଟର $Na_2CO_3$ ଅଛେ ।

**NaOH ର ପରିମାଣ :**

ଆମେ ଜାଣୁ ଯେ,

୧୦୦୦ ମିଲି ୧N HCl = ୪୦ ଗ୍ରାମ NaOH

୧ ମିଲିର ୧N HCl = ୪୦/ ୧୦୦୦ ଗ୍ରାମ NaOH

୧ ମିଲି ର (A)N/10 HCL = $\frac{୪୦A}{୧୦ \times ୧୦୦୦}$ NaOH

$\{V_2-2(V_2-V_1)\}$ ମିଲି ର "A" N/10 HCl = $\frac{୪୦A \times \{V_2-2(V_2-V_1)}{୧୦୦୦}$ ଗ୍ରାମ NaOH= Y ଗ୍ରାମ NaOH

ଯୋଗାଇ ଦିଆଯାଇଥିବା ପାନି ନମୁନାରେ ୧୦ ମିଲିରେ X ଗ୍ରାମ NaOH Y ଗ୍ରାମ ଅଛେ ।

ତାହେଲେ ଯୋଗାଇ ଦିଆଯାଇଥିବା ପାନି ନମୁନା ୧୦୦୦ ମିଲିରେ ୧୦୦ Y ଗ୍ରାମ /ଲିଟର NaOH ଅଛେ ।

**ଶେଷକଥା :** ଦିଆଯାଇଥିବାର ପାନିଥି ୧୦୦ X ଗ୍ରାମ/ଲିଟର ସୋଡିୟମ କାର୍ବୋନେଟ ($Na_2CO_3$) ଆଉ ୧୦୦ Y ଗ୍ରାମ/ଲିଟର ସୋଡିୟମ ହାଇଡ୍ରୋକ୍ସାଇଡ୍ (NaOH) ଅଛେ ।

## ପରୀକ୍ଷଣ - ୭

**ପରୀକ୍ଷଣର ଲକ୍ଷ୍ୟ**

ପାନିରେ କେତେ କ୍ଷାର ଅଛେ EDTA ଦେଇକରି ବାହାର କରମା ।

**ଦରକାରୀ ଜିନିଷ** : ବ୍ୟୁରେଟ୍, ଜଳନଳୀ (ପିପେଟ୍), କୋନିକାଲ୍ ଫ୍ଲାସ୍କ, ମାପଲା ଫ୍ଲାସ୍କ, ଧୁଇବାର୍ ବୋତଲ

**ଦରକାରୀ ରାସାୟନିକ ଜିନିଷ :**

(i) ମାନକ ଡିସୋଡିୟମ EDTA ଦ୍ରବଣ

(ii) ଏରିଓକ୍ରୋମ କଳା-T ସୂଚକ (EBT) [ ସୋଡିୟମ -1 (1- ହାଇଡ୍ରୋକ୍ସି - 2 ନାପଥାଇଲ ଆଜୋ) -6- ନାଇଟ୍ରୋ -2- ନାପଥଥଲ-4- ସଲଫୋନେଟ୍ (II)]

(iii) ବଫର ଦ୍ରବଣ ($NH_4Cl + NH_4OH$)

**ସିଦ୍ଧାନ୍ତ / ବିଶ୍ଳେଷଣ :** ସାବୁନ୍‌ରେ ଫେଣ କେ କମ୍ କର୍‌ବାର୍‌ଟାକେ ପାନିର କ୍ଷାରିୟତା କୁହାଯାଏସି । ପାନିଥି $Ca^{2+}$, $Mg^{2+}$, $Al^{3+}$, $Fe^{3+}$ ଆଉ $Mn^{2+}$ ଥିଲେ କ୍ଷାରିୟତା ବଢ଼ିଥିସି । ଯେତେବେଲେ କ୍ଷାର ପାନି ସାଙ୍ଗେ ସାବୁନ୍ (ଓଲିକ ଅମ୍ଳ, ପାମିଟିକ୍ ଅମ୍ଳ କି ଷ୍ଟେରିକ୍ ଅମ୍ଳ ଲେଖେ ବେଶୀ ଫ୍ୟାଟି ଅମ୍ଳର ସୋଡିୟମ୍ କି ପୋଟାସିୟମ୍ ଲୁଣ) ପ୍ରତିକ୍ରିୟା ହେସି, ସେତେବେଲେ ଫେଣ ନାଇଁ ବାହାରେ ଆଉ ପାନି ସାଙ୍ଗେ ନାଇ ମିଶୁଥିବାର ଧଳା ଅବଶେଷ ବନାସି, ହେତିର୍ କପଡ଼ା ଭଲଭାବେ ସଫା ନାଇଁ ହେଇପାରସି । ଇଟା କ୍ଷାର ପାନିଥି ଥିବା $Ca^{2+}/Mg^{2+}$ ପ୍ରତିକ୍ରିୟା ଲାଗି ହେଇଥିସି (Ca/Mg - ଓଲିକ, Ca/Mg - ପାମିଟିକ୍ ଆଉ Ca/Mg - ଷ୍ଟେରିକ୍ ହେସି) ।

**କ୍ଷାରିୟତାର ପ୍ରକାର :**

**(କ) ଅସ୍ଥାୟୀ କ୍ଷାରିୟତା :** ଇଟା କ୍ୟାଲସିୟମ୍, ମାଗ୍ନେସିୟମ ଆଉ ବାକି ଭାରୀ ଧାତୁର ବାଇକାର୍ବୋନେଟ୍ ଆଉ ଲୁହାର କାର୍ବୋନେଟ ଥିଲେ ହେଇଥିସି । ପାନିକେ ଫୁଟାଲେ ବାଇକାର୍ବୋନେଟ ଅଦ୍ରବଣୀୟ କାର୍ବୋନେଟ୍ କି ହାଇଡ୍ରୋକ୍ସାଇଡ୍ ହେଇଯାଏସି ଆଉ ତଳେ ବସିଯାଏସି । ପାନିକେ ଛାନିକରି ତାକେ ବାହାର କରାଯାଇ ପାର୍‌ସି ।

**(ଖ) ସ୍ଥାୟୀ କ୍ଷାରୀୟତା :** ପାନିଥି କ୍ୟାଲସିୟମ୍, ମାଗ୍ନେସିୟମ, ଲୁହା ଆଉ ବାକି ଭାରୀ ଧାତୁର ମିଶିଯାଇଥିବା କ୍ଲୋରାଇଡ୍ ଏବଂ ସଲ୍‌ଫେଟ୍‌ର ଥିଲେ ହେସି । ସ୍ଥାୟୀ କ୍ଷାରୀୟତା ଲାଗି ଦାୟୀ ଲବଣଗୁଡ଼ାକ ହେଉଛେ $CaCl_2$, $MgCl_2$, $CaSO_4$ ମି.ଗ୍ରା. $SO_4$, $FeSO_4$, $Al_2(SO_4)_3$ ଇତ୍ୟାଦି । ପାନିର କ୍ଷାରିୟତାକେ $CaSO_3$ର ସମାନ ପରିମାଣ ଭାବେ ପ୍ରକାଶ କରାଯାଏସି, $CaSO_3$ କେ ମାନକ ଭାବେ ବାଛ୍‌ବାର୍ କାରଣ ଇତାର ଆଣବିକ ଓଜନ (Molecular mass) ୧୦୦ ଆଏ ଯେନ୍‌ଟା କି ହିସାବ ଲାଗି ସୁବିଧା ହେସି, $CaSO_3$ ସବୁଠାରୁ ବେଶି ଅଦ୍ରବଣୀୟ ଆଏ ଯେନ୍‌ଟାକି ପାନିକେ ସଫା କଲାବେଲେ ବାହାର କରାଯାଇପାର୍‌ବା ।

**କ୍ଷାରିୟତାର ଏକକ :**

*(i) ପ୍ରତି ମିଲିୟନ ଅଂଶ (PPM)* : ଇଟାକେ ପ୍ରତି ମିଲିୟନ ($10^6$) ଅଂଶ ପାନିରେ ଥିବା କ୍ୟାଲସିୟମ କାର୍ବୋନେଟର୍ ଓଜନ ହିସାବେ ଅଧା ଭାଗ ଭାବେ ବ୍ୟାଖ୍ୟା କରାଯାଇଛେ, ଅର୍ଥାତ୍ $10^6$ ଅଂଶ ପାନିରେ 1 PPM = $CaCO_3$ ସମାନ କ୍ଷାରିୟତା ଗୁଟେ ଭାଗ ।

(ii) *ପ୍ରତି ମିଲିଗ୍ରାମ ମ (ମି.ଗ୍ରା/L)* : ଇଟାକେ ଗୁଟେ ଲିଟର ପାନିରେ ଥିବା ମିଲିଗ୍ରାମ କ୍ୟାଲସିୟମ କାର୍ବୋନେଟର ସଂଖ୍ୟା ଭାବେ ପରିଭାଷିତ କରାଯାଏସି ।
ଇଟା ମନେ ରଖିବାର୍ ଉଚିତ୍ ଯେ ପାଏନ୍ ଲାଗି ୧ ମି.ଗ୍ରା/$L$ = *1 PPM*

**ନୀତି :** EDTA ର ଡାଇସୋଡିୟମ ଲୁଣ, ଯେତେବେଳେ କ୍ଷାରୀୟ ପାଏନ୍ ସାଙ୍ଗେ ମିଶିଗଲେ ଇଟା ପ୍ରତିକ୍ରିୟା କର୍‌ସି ଆଉ କ୍ଷାରୀୟ ଭାବେ (PH 8-10) ସବୁ କ୍ଷାରୀୟ ଗୁଣ ସୃଷ୍ଟିକାରୀ ଯୁକ୍ତ ଚାର୍ଜକୁ ଗ୍ରହଣ କରେ । ଅତ୍ୟଧିକ ଏରିଓକ୍ରୋମର କଳା - T (EBT), ପ୍ରତିକ୍ରିୟା ଦ୍ୱାରା ଦ୍ରବଣକେ ଓ୍ୱାଇନ୍ ଲାଲରୁ ସ୍ୱଚ୍ଛ ନୀଳିଆ ରଙ୍ଗ୍ ହେଇଥିସି । ଯେନ୍‌ଟା ଟାଟ୍ରେସନର ଶେଷ୍ ବିନ୍ଦୁ ଆଏ ।

**ରାସାୟନିକ ପ୍ରତିକ୍ରିୟା :**

$$\text{(i) } H_3^+(\text{Ind}) \xleftrightarrow{-H^+} H_2(\text{Ind})^- \xleftrightarrow{-H^+} \text{HInd}^{2-} \xleftrightarrow{-H^+} \text{Ind}^{3-}$$

Wine red (pH<7) — Blue (pH 7-11) — Yellow Orange (pH>11)

ଓ୍ୱାଇନ୍ ଲାଲ — ନୀଳ — ହଳଦିଆ

$$\text{(ii) } \begin{pmatrix} Ca^{2+} \\ Mg^{2+} \end{pmatrix} + \text{HInd}^{2-} \longleftrightarrow \begin{pmatrix} Ca^{2+}\text{ - Ind Complex} \\ Mg^{2+}\text{- Ind Complex} \\ \text{Unstable} \\ \text{(wine red)} \end{pmatrix} + H^+$$

(ଜଳ ନମୁନା) (ନୀଳ)

$$\text{(ii) } \begin{pmatrix} Ca^{2+}\text{ - Ind Complex} \\ Mg^{2+}\text{- Ind Complex} \\ \text{Unstable} \\ \text{(wine red)} \end{pmatrix} + Na_2H_2^+Y \longleftrightarrow \begin{pmatrix} \text{Ca - EDTA Complex} \\ Mg^+\text{-EDTA Complex} \\ \text{(Stable )} \end{pmatrix} + \text{H Ind}^{2-} + H^+$$

ଅସ୍ଥାଇ (ଓ୍ୱାଇନ୍ ଲାଲ) — ସ୍ଥାଇ

**କେନ୍ତା କରମା :**

**(୧) ସମ୍ପୂର୍ଣ୍ଣ କ୍ଷାରିୟତାର ନିର୍ଣ୍ଣୟ :**

୧୦୦ ମିଲି କୋନିକାଲ୍ ଫ୍ଲାସ୍କ ଥି ୨୦ ମିଲି କ୍ଷାରିୟ ପାଏନ୍ ନମୁନା ଢ଼ଳନଲୀରେ ନିଅ । ୨ ମିଲି ବଫର ଦ୍ରବଣ ଆଉ ୨-୩ ବୁନ୍ଦା ଏରିକ୍ରୋମ୍ କଳା - T ସୂଚକ ଭାବେ ମିଶାଅ । ତା'ପରେ ବ୍ୟୁରେଟ୍‌ରେ ଥିବା M/100 EDTA ଦ୍ରବଣ ସାଙ୍ଗେ କୋନିକାଲ୍ ଫ୍ଲାସ୍କର ଦ୍ରବଣକେ ଟାଇଟ୍ରେଟ୍ କର, ଯେତେବେଲ୍ ତକ୍ ଶେଷ୍ ବିନ୍ଦୁରେ ରଙ୍ଗ ଓ୍ୱାଇନ୍ ଲାଲରୁ ନୀଳିଆ ରଙ୍ଗରେ ନାଇ ବଦ୍‌ଲି, ଇ ମାନକ ରୁ ସମନ୍ୱିତ ପାଠ ପାଇବାର୍ ତକ୍ ଟାଇଟ୍ରେଟ୍ ମୂଲ୍ୟକେ ଧାନ ଦିଅ । ଆୟତନ $V_2$ml ହେବାକେ ଦିଅ ।

**ଗଣାଲେଖା ୧ :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ଦିଆ ହେଇଥିବା ଭିନ୍ନ ନମୁନା ପରିମାଣ (ମିଲି) | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | ପାଖାପାଖି |
| ୦୨ | | | | | ସଂଗତ |
| ୦୩ | | | | | |
| ୦୪ | | | | | |

(ii) **ଅସ୍ଥାୟୀ ଆଉ ସ୍ଥାୟୀ କ୍ଷାରିୟତା ନିର୍ଣ୍ଣୟ :** ଗୁଟେ ବଡ଼ ବିକର୍ ରେ ୨୫୦ ମିଲି କ୍ଷାରୀୟ ପାନି ନମୁନା ନିଅ ଆଉ ପ୍ରାୟ ୧ ଘଣ୍ଟା ତକ୍ ଧୀରେ ଫୁଟାଅ (ଯେତେବେଲ ତକ୍ ସବୁ ବାଇକାର୍ବୋନେଟ୍ ଅଦ୍ରବଣୀୟ $CaCO_3$+$Mg(OH)_2$ ରେ ନାଇ ହେଇଛେ) । ଥଣ୍ଡା କର ଆଉ ୨୫୦ ମିଲି ମାପକ ଫ୍ଲାସ୍କରେ ଛାଣି ଦିଅ ଆଉ ଆୟତନକେ ଚିହ୍ନ ତକ୍ ନିଅ । ଇ ଦ୍ରବଣର ୪୦ ମିଲି ନିଅ ଆଉ ଆଗର ଲେଖେ ସମାନ ଭାବେ ଆଗ୍କେ ବଢ଼ । ବେଭାର୍ ହେଇଥିବା EDTA ର ଆୟତନ ପାନି ନମୁନାରେ ସ୍ଥାୟୀ କ୍ଷାରିୟତା ସାଙ୍ଗେ ସମାନ । ଆୟତନ $V_3$ ମିଲି ହେବା ।

ପୂର୍ଣ୍ଣ କ୍ଷାରିୟତାରୁ ସ୍ଥାୟୀ କ୍ଷାରିୟତାକେ ବିୟୋଗ କରି ଅସ୍ଥାୟୀ କ୍ଷାରିୟତା ବାହାର କରାଯାଏସି ।

**ଗଣାଲେଖା ୨ :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ଦିଆ ହେଇଥିବା ପାନି ନମୁନାର ପରିମାଣ (ମିଲି) | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | ପାଖାପାଖି |
| ୦୨ | | | | | ସଂଗତ |
| ୦୩ | | | | | |
| ୦୪ | | | | | |

**ଗଣନା / ହିସାବ :**

**ମୋଟ କ୍ଷାରିୟତା :**

୧୦୦୦ ମିଲି ୧M EDTA = ୧୦୦ ଗ୍ରାମ $CaCO_3$

୧ ମିଲିର ୧M EDTA = ୧୦୦ ମିଗ୍ରା $CaCO_3$

୧ ମିଲି ର "a" M/100 EDTA = "a" ମିଗ୍ରା $CaCO_3$

$V_2$ ml "a" M/100 EDTA = "a" $V_2$ ମିଗ୍ରା $CaCO_3$ = $CaCO_3$ ର "A" ମିଗ୍ରା

ଏବେ ୪୦ ମିଲି ଜଳ ନମୁନାରେ = "A" ମିଗ୍ରା $CaCO_3$ ଅଛେ ।

୧୦୦୦ ମିଲି କି ୧ ଲିଟର ପାନି ନମୁନାରେ = $\frac{A}{୪୦}$ X୧୦୦୦ =୨୫ A ମିଗ୍ରା / ଲିଟର ୨୫ "A" ପିପିଏମ୍ ମୋଟ କ୍ଷାରିୟତା ଯାହାକି $CaCO_3$ ର ସମ କ୍ଷାରୀୟତା ହିସାବେ ରହିଛେ ।

ସ୍ଥାୟୀ କ୍ଷାରିୟତା :

୧ ମିଲି ର "a" M/100 EDTA = "a" ମିଗ୍ରା $CaCO_3$

$V_3$ ml "a" M/100 EDTA = "a" $V_3$ ମିଗ୍ରା $CaCO_3$ = $CaCO_3$ ର "B" ମିଗ୍ରା

ଏବେ ୪୦ ମିଲି ଫୁଟା ପାନି ନମୁନାରେ = "B" ମିଗ୍ରା $CaCO_3$

୧୦୦୦ ମିଲି କିମ୍ବା ୧ ଲିଟର ଫୁଟା ପାନି ନମୁନାରେ = $\frac{B}{୪୦}$ X୧୦୦୦ =୨୫ B ମିଗ୍ରା / ଲିଟର

= ୨୫ "B" ପିପିଏମ୍ କ୍ଷାରିୟତା ଯେନ୍ତା କି $CaCO_3$ ର ସମାନ୍ କ୍ଷାରୀୟତା ହିସାବେ ରହିଛେ ।

ତେଣୁ ଅସ୍ଥାୟୀ କ୍ଷାରିୟତା (25A-25B) ପିପିଏମ୍ ସାଙ୍ଗେ ସମାନ ଯେନ୍ଟା କି $CaCO_3$ ର ମାନକ କ୍ଷାରୀୟତା ହିସାବେ ରହିଛେ ।

**ଶେଷକଥା :** ଦିଆ ହୋଇଥିବା ପାନି ନମୁନାରେ ମୋଟ କ୍ଷାରିୟତା 25A ppm, ସ୍ଥାୟୀ କ୍ଷାରିୟତା 25B ppm ଆଉ (25A-25B) ppm ଅସ୍ଥାୟୀ କ୍ଷାରିୟତା ରହିଛେ ଯେନ୍ଟାକେ $CaCO_3$ ର ସମାନ୍ କ୍ଷାରୀୟତା ହିସାବେ ରହିଛେ ।

## ପରୀକ୍ଷଣ - ୩

**ପରୀକ୍ଷଣର ଲକ୍ଷ୍ୟ** : ଅକ୍ସାଲିକ୍ ଏସିଡ୍ (Acid) ବେଭାର୍ କରି ପୋଟାସିୟମ୍ ପର୍ମାଙ୍ଗାନେଟ୍ ($KMnO_4$) ର ମାନମୀକରଣ (Standardisation) କରାଯିବା ।

**ଦରକାରୀ ଜିନିଷ** : ବ୍ୟୁରେଟ୍, ପିପେଟ୍, କୋନିକାଲ୍ ଫ୍ଲାସ୍କ

**ଦରକାରୀ ରାସାୟନିକ ପଦାର୍ଥ :** $KMnO_4$ ଦ୍ରବଣ, ଅକ୍ସାଲିକ୍ ଏସିଡ୍ (N/10), ଦ୍ରବୀଭୂତ ଗନ୍ଧକାମ୍ଳ (Dil$H_2SO_4$)

**ସିଦ୍ଧାନ୍ତ :** ପୋଟାସିୟମ୍ ପରମାଙ୍ଗାନେଟ୍ ଗୁଟେ ଦ୍ୱିତୀୟକ ଦ୍ରବଣ (secondary solution) ଆଏ କାଏଁକରି ଇଥିରେ ମାଙ୍ଗାନିଜ୍ ଡାଇଅକ୍ସାଇଡ୍ ର ଅଶୁଦ୍ଧତା ଥିସି, ଯେନ୍ତା ପୋଟାସିୟମ୍ ପରମାଙ୍ଗାନେଟ୍ କେ ଭାଙ୍ଗିଦେସି । ଯାହାରଲାଗି ପୋଟାସିୟମ୍ ପରମାଙ୍ଗାନେଟ୍ର ମାନକକ୍ଷମତା (strength)ର ଶକ୍ତି ବେଶି ସମୟ କି କାଳ ଲାଗି ସ୍ଥିର ନାଇଁ ରହେ । ତେଣୁ, ପରମାଙ୍ଗାନେଟ୍ ଦ୍ରବଣର ଶକ୍ତି ଇତାର ବେଭାର୍ ଆଗ୍ରୁ ନିର୍ଣ୍ଣୟ କରାଯାଏ । ପୋଟାସିୟମ୍ ପରମାଙ୍ଗାନେଟ୍ ଅମ୍ଳୀୟ ମାଧମରେ ଗୁଟେ ଶକ୍ତିଶାଳୀ ଜାରକ (oxidising agent) ଭାବେ କାମ୍ କରସି, ସେଥିର୍ ଲାଗି ଇତାକେ ସଲଫ୍ୟୁରିକ୍ ଏସିଡ୍ ଉପସ୍ଥିତିଥି ୬୦ - ୭୦°C ରେ ମାନକ ଅକ୍ସାଲିକ୍ ଏସିଡ୍ ବାଗିର୍ ଗୁଟେ ବିଜାରକ (reducing agent) ବିରୁଦ୍ଧରେ ଟାଇଟ୍ରେଟ୍ କରାଯାଇପାର୍‌ବା । ଟାଇଟ୍ରେସନ୍ ଆଗରୁ ଶକ୍ତିଶାଳୀ C-C ସହଭାଜକ ବନ୍ଧନକେ ଭାଙ୍ଗ୍‌ବାର୍ ଲାଗି ଅକ୍ସାଲିକ୍ ଏସିଡ୍‌କେ ଗରମ କରାଯାଏସି । ପ୍ରତିକ୍ରିୟା ସମୟରେ $MnO^{4-}$ କେ $Mn^{2+}$ କେ ବିଜାରିତ ହୋଇଥିସି ଆଉ ଅକ୍ସାଲେଟ୍ ଆୟନଗୁଡ଼ିକ $CO_2$ କେ ଜାରିତ ହେସି । ଇ ଟାଇଟ୍ରେସନ୍‌ଥି, ପୋଟାସିୟମ୍ ପରମାଙ୍ଗାନେଟ୍ ଗୁଟେ ସ୍ୱୟଂ-ସୂଚକ (self-indicator) ଭାବେ କାମ୍ କର୍‌ସି କାରଣ ଇତାର ଅକ୍ସିଡେସନ୍ ମୂଲ୍ୟ ବଦ୍‌ଲାବାର୍ ସଙ୍ଗେ ରଙ୍ଗ୍ କେ ବି ବଦ୍‌ଲାବାର୍ କ୍ଷମତା ଅଛେ ($Mn^{+7}$) ଗୋଲାପୀ ରଙ୍ଗର ଆଉ $Mn^{2+}$ ପାନି ମାଧମରେ ରଙ୍ଗହୀନ) । ଟାଇଟ୍ରେସନ୍ ସମୟଥି ପୋଟାସିୟମ୍ ପରମାଙ୍ଗାନେଟ୍, ଅକ୍ସାଲିକ୍ ଏସିଡ୍ ଦ୍ୱାରା ବିଜାରିତ ହେଇ ରଙ୍ଗହୀନ ମାଙ୍ଗାନାସ୍ ଆୟନଥି ବଦଲ୍‌ସି ଆଉ ଯେତେବେଲେ ପୁରା ବିଜାରକ ବେଭାର୍ ହେସି ସେତେବେଲେ $KMnO_4$ ର ଗୁଟେ ଅତିରିକ୍ତ ବୁନ୍ଦା ଦ୍ରବଣକେ ଗୋଲାପୀ ରଙ୍ଗରେ ବଦ୍‌ଲାଇ ଦେସି, ଯେନ୍‌ଟା ଟାଇଟ୍ରେସନର ଶେଷ ବିନ୍ଦୁ ଆଏ ।

**$MnO_4$ ରାସାୟନିକ ପ୍ରତିକ୍ରିୟା :**

$$[MnO_4^- + 8H^+ + 5e \longrightarrow Mn^{2+} + 4\,H_2\,O] \times 2$$

$$[C_2O_4^{2-} \longrightarrow 2CO_2 + 2e] \text{ x } 5$$

$$2\,MnO_4^- + 5\,C_2O_4^{2-} + 16\,H^+ \longrightarrow 2\,Mn^{2+} + 8\,H_2O + 10\,CO_2$$

**କେନ୍ତା କର୍‌ମା :**

୨୫୦ ମିଲି କୋନିକାଲ୍ ଫ୍ଲାସ୍କଥି ୧୦ ମିଲି N/10 ଅକ୍ସାଲିକ୍ ଏସିଡ୍ ପିପେଟ୍ କର । ଅଧା ଟେଷ୍ଟଟ୍ୟୁବ୍ ଦ୍ରବୀଭୂତ ସଲଫ୍ୟୁରିକ୍ ଏସିଡ୍ ଯୁଡ଼୍ ଆଉ ୫୦-୬୦° ସେଲସିୟସ୍ ତକ୍ ଗରମ କର । ତାପରେ, ଦ୍ରବଣକେ ସ୍ଥାୟୀ ହାଲୁକା ଗୋଲାପୀ ରଙ୍ଗ ପାଇବାର୍ ତକ୍ $KMnO_4$ ଦ୍ରବଣ ସାଙ୍ଗେ ଟାଇଟ୍ରେଟ୍ କର । ସମାନ ସଂଖ୍ୟା ପାଏବାର୍ ତକ୍ ଟାଇଟ୍ରେସନ୍ ବାର୍ ବାର୍ କର ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | N/10 ଅକ୍ସାଲିକ୍ ଅମ୍ଳର ଆୟତନ | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | ପାଖାପାଖି |
| ୦୨ | | | | | |
| ୦୩ | | | | | ସଂଗତ |
| ୦୪ | | | | | |

**ପରିକଳନ :**

ଆମେ ଜାନୁଛୁ ଯେ, $S_1V_1 = S_2V_2$

ଯେଉଁ, ଅକ୍ସାଲିକ୍ ଏସିଡ୍ (N/10) ର ମାନକକ୍ଷମତା ଶକ୍ତି

$V_1$ = ଅକ୍ସାଲିକ୍ ଅମ୍ଳର, ପରିମାଣ ( ୧୦ ମିଲି )

$S_2 = KMnO_4$ ର ମାନକକ୍ଷମତା ଶକ୍ତି

$V_2 = KMnO_4$ ର ପରିମାଣ ଖର୍ଚ୍ଚ ହେଇଛେ

$$S_2 = \frac{S_1 x V_1}{V_2}$$

**ଶେଷକଥା :** ଦିଆଯାଇଥିବା ପୋଟାସିୟମ୍ ପରମାଙ୍ଗାନେଟର ମାନକକ୍ଷମତା ଶକ୍ତି **.............N** ବାହାରିଲା ।

## ପରୀକ୍ଷଣ - ୪

**ପରୀକ୍ଷଣର ଲକ୍ଷ୍ୟ** : ମାନକିକୃତ ପୋଟାସିୟମ୍ ପରମାଙ୍ଗାନେଟ୍ ବେଭାର୍ କରି ମୋହର ଲୁଣଥି ଫେରସ୍ ଆୟନ୍ (ଲୌହ) [$FeSO_4 (NH_4)_2 SO_4.6H_2O$]) କେତେ ଅଛେ ବାହାର କରାଯିବା ।

**ଦରକାରୀ ଜିନିଷ :** ବ୍ୟୁରେଟ୍, ଜଳନଳୀ, କୋନିକାଲ୍ ଫ୍ଲାସ୍କ, ବିକର, ମାପକ ସିଲିଣ୍ଡର, ଧୋଇବା ବୋତଲ, ଟେଷ୍ଟଟ୍ୟୁବ୍ ।

**ଦରକାରୀ ରାସାୟନିକ ଜିନିଷ :** (i) ମୋହରର ଲୁଣ ଦ୍ରବଣ, (ii) $KMnO_4$ ଦ୍ରବଣ, (iii) ଦ୍ରବୀଭୂତ $H_2SO_4$

**ସିଦ୍ଧାନ୍ତ :** ମୋହରର ଲୁଣ ଦ୍ରବଣରେ ଥିବା ଫେରସ୍ ଆୟନର ପରିମାଣ ଅମ୍ଳୀୟ ମାଧମରେ ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣ ବିରୁଦ୍ଧରେ ଟାଇଟ୍ରେଟିଂ ଦ୍ୱାରା ବାହାର କରାଯାଏସି । ଇନ, ପୋଟାସିୟମ୍ ପରମାଙ୍ଗାନେଟ୍ ଗୁଟେ ସ୍ୱୟଂ-ସୂଚକ ଭାବେ କାମ୍ କରସି । ସ୍ଥାୟୀ ହାଲୁକା ଗୋଲାପୀ ରଙ୍ଗ ଦେଖାଗଲେ ଶେଷ ବିନ୍ଦୁ ବାହାର କରାଯାଏସି । ପ୍ରତିକ୍ରିୟା ସମୟଥି $Fe^{2+}$ ଜାରିତ ହେଇକରି $Fe^{3+}$ କେ ଆଉ $MnO_4^-$ ବିଜରିତ ହେଇକରି $Mn^{2+}$ କେ ବଦ୍‌ଲି ଯାଏସି ।

**ରାସାୟନିକ ପ୍ରତିକ୍ରିୟା :**

$$[MnO_4^- + 8H^+ + 5e \longrightarrow Mn^{2+} + 4\,H_2O]$$

$$[Fe^{2+} \longrightarrow Fe^{3+} + e] \times 5$$

---

$$2\,MnO_4^- + 5\,Fe^{2+} + 8\,H^+ \longrightarrow 2\,Mn^{2+} + 5\,Fe^{3+} + 4\,H_2O$$

**କେନ୍ତା କରମା :**

ଦିଆଯାଇଥିବା ମୋହର ଲୁଣ ଦ୍ରବଣର ୧୦ ମିଲି ପିପେଟ କରି ଗୁଟେ ୨୫୦ ମିଲି କୋନିକାଲ୍ ଫ୍ଲାସ୍କରେ ରଖ । ଅଧା ଟେଷ୍ଟଟ୍ୟୁବ୍ ଦ୍ରବୀଭୂତ ସଲଫ୍ୟୁରିକ୍ ଅମ୍ଳ ମିଶାଅ ଆଉ ସ୍ଥାୟୀ ହାଲୁକା ଗୋଲାପୀ ରଙ୍ଗ ପାଇବାର୍ ତକ୍ $KMnO_4$ ଦ୍ରବଣ ବିରୁଦ୍ଧରେ ଟାଇଟ୍ରେଟ୍ କର । ସମାନ ସଂଖ୍ୟା ପାଇବାର୍ ତକ୍ ଟାଇଟ୍ରେସନ୍ ବାର୍‌ବାର୍ କର ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ଦିଆଯାଇଥିବା ମୋହର ଲୁଣ ଦ୍ରବଣର ପରିମାଣ | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | ପାଖାପାଖି |
| ୦୨ | | | | | ସଂଗତ |
| ୦୩ | | | | | |
| ୦୪ | | | | | |

**ଗଣନା / ହିସାବ :**

ମୋହରର ଲୁଣ ଦ୍ରବଣ ଦ୍ୱାରା ବ୍ୟବହୃତ $KMnO_4$ ଆୟତନ = V ml

୧୦୦୦ ମିଲି ୧ N $KMnO_4$ = ୫୫.୮୪ ଗ୍ରା.ମ Fe

$$\text{୧ ମିଲି ୧} = KMnO_4 \ \frac{\text{୫୫.୮୪}}{\text{୧୦୦୦}} \ \text{Fe ର ଗ୍ରା.ମ}$$

$$\frac{X}{\text{୧୦}} \ KMnO_4 \ \text{ର V ml} = \frac{\text{୫୫.୮୪}}{\text{୧୦୦୦}} \times V \times \frac{X}{\text{୧୦}} \ \text{ଗ୍ରା.ମ Fe} = \text{“A” ଗ୍ରା.ମ Fe}$$

ତେଣୁ ୧୦ ମିଲି ମୋହର ଲୁଣ ଦ୍ରବଣରେ “A” ଗ୍ରା.ମ Fe ଥିସି ।

୧୦୦୦ ମିଲି ଯୋଗାଇ ଦିଆଯାଇଥିବା ମୋହର ଲୁଣ ଦ୍ରବଣରୁ ୧୦୦ A ଗ୍ରା.ମ./ଲିଟର Fe ଥିସି ।

**ଶେଷକଥା :** ଦିଆଯାଇଥିବା ମୋହର ଦ୍ରବଣରେ ....... ଗ୍ରା.ମ./ଲିଟର Fe ଅଛେ ।

## ପରୀକ୍ଷଣ - ୫

**ପରୀକ୍ଷଣର ଲକ୍ଷ୍ୟ** : ଦିଆଯାଇଥିବା ପାନି ନମୁନାରେ ଦ୍ରବିଭୂତ ଅମ୍ଳଜାନର ପରିମାଣ କେତେ ଅଛେ ବାହାର କରାଯିବା ।

**ଦରକାରୀ ଜିନିଷ :** ବ୍ୟୁରେଟ୍, ଷ୍ଟପର ବୋତଲ (୫୦୦ ମିଲି), ମାପକ ସିଲିଣ୍ଡର (୨୫୦ ମିଲି), ଟେଷ୍ଟ ଟ୍ୟୁବ୍ ।

**ଦରକାରୀ ରାସାୟନିକ ଜିନିଷ :** (i) ମାଙ୍ଗାନସ୍ ସଲଫେଟ୍ ଦ୍ରବଣ (୪୮%), (ii) ାଲକାଲାଇନ୍ ପୋଟାସିୟମ ଆୟୋଡାଇଡ୍ ଦ୍ରବଣ, (iii) ଦ୍ରବୀଭୂତ ସଲଫ୍ୟୁରିକ୍ ଏସିଡ୍, (iv) ମାନକ ସୋଡିୟମ୍ ଥାୟୋସଲଫେଟ୍ ଦ୍ରବଣ ଆଉ (v) ସଦ୍ୟ ପ୍ରସ୍ତୁତ ଷ୍ଟାର୍ଚ୍ ଦ୍ରବଣ ।

**ସିଦ୍ଧାନ୍ତ :** ଦ୍ରବୀଭୂତ ଅମ୍ଳଜାନ ହେଉଛେ ପାନି ଗୁଣବତ୍ତାର ଗୁଟେ ଗୁରୁତ୍ୱପୂର୍ଣ୍ଣ ପରିମାପକ । ଇଟା ପାନିରେ ଥିବା ଜୈବ ପଦାର୍ଥର ସମ୍ପୂର୍ଣ୍ଣ ଜାରକ ଲାଗି ଦରକାର ଅମ୍ଳଜାନର ପରିମାଣ । ସାଧାରଣତଃ କୋଠରି ତାପମାତ୍ରାରେ ପ୍ରତି ଲିଟର ପାନିରେ ପ୍ରାୟ ୮ ମିଲି ଦ୍ରବୀଭୂତ ଅମ୍ଳଜାନ ଥିସି । ଦ୍ରବୀଭୂତ ଅମ୍ଳଜାନର ନିର୍ଣ୍ଣୟ ଉତ୍ତପ୍ତ ଉପକରଣ ଲାଗି ଜରୁରୀ ହେସି କାରଣ ଇଟା ଉପକରଣକେ କ୍ଷୟ ଘଟାଇଥିସି । ପାନିରେ ଦ୍ରବୀଭୂତ ଅମ୍ଳଜାନ ଓ୍ୱିଙ୍କଲରଙ୍କ ପଦ୍ଧତି ଦ୍ୱାରା ବାହାର କରାଯାଏସି । ପାନିରେ ଦ୍ରବୀଭୂତ ଅମ୍ଳଜାନ ଦ୍ୱାରା ପୋଟାସିୟମ୍ ଆୟୋଡାଇଡ୍‌ର କାରଣ୍ ପ୍ରକ୍ରିୟା (oxidation process) ଉପରେ ଆଧାରିତ୍ ଆଏ । ଆୟୋଡୋମେଟ୍ରିକ୍ ପଦ୍ଧତି (ଓ୍ୱିଙ୍କଲର) ଇ ତଥ୍ୟ ଉପ୍‌ରେ ଆଧାରିତ ଯେ କ୍ଷାରୀୟ ମାଧମରେ, ଦ୍ରବୀଭୂତ ଅମ୍ଳଜାନ $Mn^{2+}$ରୁ $Mn^{+4}$କୁ ଜାରିତ କର୍‌ସି, ଯେନ୍‌ତା ଅମ୍ଳୀୟ ମାଧମରେ ଆୟୋଡାଇଡ୍‌କେ ମୁକ୍ତ ଆୟୋଡିନରେ ଜାରଣ କର୍‌ବାର୍‌ରେ ସାହାଯ୍ୟ କରେ । ମୁକ୍ତ ହୋଇଥିବା ଆୟୋଡିନର ପରିମାଣକେ ମାନକ ସୋଡିୟମ୍ ଥାୟୋସଲଫେଟ୍ ଦ୍ରବଣ ବିରୁଦ୍ଧରେ ବିଶୋଧନ କରାଯାଏସି ।

ଯେହେତୁ ପାନିରେ ଦ୍ରବୀଭୂତ ଅମ୍ଳଜାନ ଆଣବିକ ଅବସ୍ଥାରେ ଥିସି ସେଥିରଲାଗି ଇଟା ପୋଟାସିୟମ୍ ଆୟୋଡାଇଡ୍ ଦ୍ରବଣ ସାଙ୍ଗେ ପ୍ରତିକ୍ରିୟା କରିବାକୁ ସମାନ ନାଇ ହୁଏ, ତେଣୁ ପୋଟାସିୟମ୍ ଆୟୋଡାଇଡ୍ (KI) ଆଉ ଅମ୍ଳଜାନ ଭିତ୍‌ରେ ପ୍ରତିକ୍ରିୟା ଆନ୍‌ବାର୍ ଲାଗି ଅମ୍ଳଜାନ ବାହକ (ଯେନ୍‌ତା କି ମାଙ୍ଗାନସ୍ ହାଇଡ୍ରୋକ୍ସାଇଡ୍) ବେଭାର୍ କରାଯାଏସି ।

$$2KOH + MnSO_4 \qquad Mn(OH)_2 + K_2SO_4$$

$$2Mn(OH)_2 + O_2 \qquad 2MnO(OH)_2$$

(ଅମ୍ଳଜାନ ବାହକ) (ମୌଳିକ ମାଙ୍ଗାନିକ୍ ଅକ୍ସାଇଡ୍)

$$MnO(OH)_2 + H_2SO_4 \qquad MnSO_4 + 2H_2O + [O]$$

(ପ୍ରତିକ୍ରିୟାଶୀଳ ଅମ୍ଳଜାନ)

$$2KI + H_2SO_4 + [O] \qquad K_2SO_4 + H_2O + 1_2$$

$$2Na_2S_2O_3 + 1_2 \qquad 2Nal + Na_2S_4O_6$$

ଷ୍ଟାର୍ଚ୍ $+ I_2 \rightarrow$ ଷ୍ଟାର୍ଚ୍ ଆୟୋଡାଇଡ୍ ଯୌଗିକ (ନୀଳ ରଙ୍ଗ)

**କେନ୍ତା କର୍‌ମା :**

ଉପରେ ପ୍ରାୟ ୧୦ ମିଲି ଖାଲିସ୍ଥାନ୍ ଛାଡି ୨୫୦ ମିଲି ପାନି ନମୁନା ବନ୍ଦ ବୋତଲରେ ନିଅ । (ଯେତେଦୂର ସମ୍ଭବ ପବନ ସଂସ୍ପର୍ଶରେ ଆସିବାକୁ ଏଡ଼ାଇବା) । ତୁରନ୍ତ ୫ ମିଲି ମାଙ୍ଗାନସ୍ ସଲଫେଟ୍ ଦ୍ରବଣ ଆଉ ତା'ପରେ ୫ ମିଲି କ୍ଷାରୀୟ ପୋଟାସିୟମ୍ ଆୟୋଡାଇଡ୍ ଦ୍ରବଣକେ ପିପେଟ ସାହାଯ୍ୟରେ ମିଶାଅ, ଯତ୍ନ ନିଅ ଯେ ଦ୍ରବଣଟି ପାନିର ପୃଷ୍ଠ ତଳେ ଭଲ ଭାବେ ବିତରଣ ହେସି । (କ୍ଷାରୀୟ ଦ୍ରବଣରେ KI ସୋଡିୟମ୍ ଆଜାଇଡ୍ ଥିସି, ଯେନ୍‌ଟା ଉପସ୍ଥିତ ଥିବା ଯେକୌଣସି ଜାରକର ଯତ୍ନ ନିଏ, ଯେନ୍‌ଟା ପୋଟାସିୟମ୍ ଆୟୋଡାଇଡ୍ (KI) ରୁ ଆୟୋଡିନ୍ ମୁକ୍ତ କର୍‌ବାର୍ ସମ୍ଭାବନା ଥିସି) । ତା'ପରେ ମିଶ୍ରଣର ସଠିକ୍‌ତା ସୁନିଶ୍ଚିତ କର୍‌ବାର୍ ଲାଗି ବୋତଲକେ ଅନେକ ଥର୍ ତଲ୍-ଉପର୍ କର୍‌ବାର୍ ଆଉ ଗଠିତ ଅବକ୍ଷେପଣକେ (precipitate) କିଛି ମିନିଟ୍ ଲାଗି ସ୍ଥିର ହେବାକେ ଦିଆଯାଏସି । ତା'ପରେ ୩ ମିଲି ଦ୍ରବୀଭୂତ $H_2SO_4$ର ଦ୍ରବଣକେ ବୁନ୍ଦା ବୁନ୍ଦା କରି ମିଶାଯାଏସି ଯେତ୍‌କିବେଲ ତକ୍ ଅବକ୍ଷେପଣ ଦ୍ରବୀଭୂତ ନାଇ ହେଇ, ଇଟା ଧୀରେ ଧୀରେ ଗୁଟେ ସ୍ପଷ୍ଟ ହଳଦିଆ ରଙ୍ଗର ଦ୍ରବଣ ପ୍ରଦାନ କର୍‌ବା । ଆଲମାରୀ ଭିତରେ ୫ ମିନିଟ୍ ଲାଗି ଦ୍ରବଣକେ ଅନ୍ଧାର୍‌ରେ ରଖୀ । ତା'ପରେ, ୨୦ ମିଲି ଦ୍ରବଣକେ ପିପେଟ କର ଆଉ ବ୍ୟୁରେଟ୍‌ରୁ ମାନକ (standard) ସୋଡିୟମ୍ ଥିଓସଲଫେଟ୍ ଦ୍ରବଣ ସଙ୍ଗେ ଇଟାକେ ଟାଇଟ୍ରେଟ୍ କର । ଯେତେବେଲେ ଦ୍ରବଣର ରଙ୍ଗ୍ ବହୁତ୍ ହାଲ୍‌କା ହଳଦିଆ (ନଡା ବାଗିର୍ ରଙ୍ଗ୍) ହେଇଯିବା, ସେତେବେଲେ ୧ ମିଲି ସଦ୍ୟ ପ୍ରସ୍ତୁତ ଷ୍ଟାର୍ଚ ସୂଚକ ମିଶାଅ ଆଉ ନୀଳ ରଙ୍ଗ ନାଇ ଦିଶ୍‌ବାର୍ ତକ୍ ଟାଇଟ୍ରେସନ୍ ଜାରି ରଖୀ ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ପାନି ନମୁନାର ଆୟତନ (ମିଲି) | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | ପାଖାପାଖି |
| ୦୨ | | | | | ସଂଗତ |
| ୦୩ | | | | | |
| ୦୪ | | | | | |

**ଗଣନା / ହିସାବ :**

୧୦୦୦ ମିଲି ୧ N $Na_2S_2O_3$ ଦ୍ରବଣ = ⌈ ଗ୍ରାମ ଅମ୍ଳଜାନ

୧ ମିଲି ୧ N $Na_2S_2O_3$ ଦ୍ରବଣ = ⌈ ମି.ଗ୍ରାମ ଅମ୍ଳଜାନ

V ମିଲି "a N/10" $Na_2S_2O_3$ ଦ୍ରବଣ = $\frac{\lceil aV}{10}$ ଅମ୍ଳଜାନର ମି.ଗ୍ରା.

୨୦ ମିଲି ପାନିରେ = $\frac{\lceil aV}{10}$ ଗ୍ରା.ମ ମି.ଗ୍ରାମ ଅମ୍ଳଜାନ ଥିସି ।

୧୦୦୦ ମିଲି ପାନିରେ $\frac{\lceil YZ}{10}$ X $\frac{୧୦୦୦}{୨୦}$ ମି.ଗ୍ରାମ/ଲିଟର ଅମ୍ଳଜାନ ଥିସି

= "A" ମି.ଗ୍ରାମ/ଲିଟର ଅମ୍ଳଜାନ

= ଅମ୍ଳଜାନର "A" ppm

**ଶେଷକଥା :** ଦିଆଯାଇଥିବା ପାନି ନମୁନାଥି ଦ୍ରବୀଭୂତ ଅମ୍ଳଜାନର ପରିମାଣ....... ppm ଆଏ ।

## ପରୀକ୍ଷଣ - ୬

**ପରୀକ୍ଷଣର ଲକ୍ଷ୍ୟ** : ଦିଆଯାଇଥିବା ବ୍ଲିଚିଂ ପାଉଡରରେ କେତେ କ୍ଲୋରିନ ଅଛେ ବାହାର କରାଯିବା ।

**ଦରକାରୀ ଜିନିଷ** : ବ୍ୟୁରେଟ୍, ଜଳନଳୀ, କୋନିକାଲର୍ ଫ୍ଲାସ୍କ, କାଚ ପାତ୍ର, ମାପ ସିଲିଣ୍ଡର, ଧୋଇବା ବୋତଲ ।

**ଦରକାରୀ ରାସାୟନିକ ଜିନିଷ** : ବ୍ଲିଚିଂ ପାଉଡର ଦ୍ରବଣ KI( ୧୦%) ଦ୍ରବଣ, ଦ୍ରବୀୟ (dilute) ଆସେଟିକ୍ ଏସିଡ୍, N / ୧୦ ସୋଡିୟମ୍ ଥାଓସଲଫେଟ୍ ଦ୍ରବଣ, ଷ୍ଟାର୍ଚ ସୂଚକ ।

**ସିଦ୍ଧାନ୍ତ** : ବ୍ଲିଚିଂ ପାଉଡର ଗୁଟେ ଭଲ ଜୀବାଣୁନାଶକ ଯେନ୍‌ଟା ପାନିଥି ମିଶି ରୋଗ ସୃଷ୍ଟିକାରୀ ଜୀବାଣୁକେ ମାର୍‌ସି । ବ୍ଲିଚିଂ ପାଉଡର୍‌ର ଜୀବାଣୁନାଶକ କାମ୍ ହାଇପୋକ୍ଲୋରସ୍ ଅମ୍ଳ (HOCL) ଆଉ ବାହାରୁଥିବା ପ୍ରତିକ୍ରିୟାଶୀଳ (nascent) ଅମ୍ଳଜାନ ଯୋଗୁଁ ହେଇଥିସି । ଇଟା ଗୁଟେ ଶକ୍ତିଶାଳୀ ଜାରକ (oxidizing agent) ଆଉ ହାଇଗ୍ରୋସ୍କୋପିକ୍ (ପରିବେଶ୍‌ଥି ଥିବା ଆର୍ଦ୍ରତା ଶୋଷଣ କରିବାର୍ କ୍ଷମତା) ପ୍ରକୃତିର ଆଏ ।

ବ୍ଲିଚିଂ ପାଉଡରର ଗୁଣବତ୍ତା ଇଥିରେ ଥିବା କ୍ଲୋରିନର ପରିମାଣ ଉପ୍‌ରେ ନିର୍ଭର କର୍‌ସି । ଉପଲବ୍ଧ କ୍ଲୋରିନର ପ୍ରତିଶତକେ ପ୍ରତି ଶହେ ଅଂଶ ବ୍ଲିଚିଂ ପାଉଡରରେ ଜାରଣ (ଅକ୍ସିଡେସନ) ଲାଗି ଉପଲବ୍ଧ କ୍ଲୋରିନର ପରିମାଣ ଭାବେ ପରିଭାଷିତ କରାଯାଇପାର୍‌ସି । ସେଥିର୍‌ଲାଗି ଉପଲବ୍ଧ କ୍ଲୋରିନର ପ୍ରତିଶତ ଯେତେ ଅଧିକା, ବ୍ଲିଚିଂ ପାଉଡରର ଗୁଣବତ୍ତା ସେତେ ଭଲ । ଯଦିବି ବ୍ଲିଚିଂ ପାଉଡର୍‌ରେ ପ୍ରାୟ ୫୬% କ୍ଲୋରିନ୍ ଥିସି ଲେକିନ୍ ଗୁଟେ ଭଲ ଗୁଣବତ୍ତା ବ୍ଲିଚିଂ ପାଉଡରରେ ଉପଲବ୍ଧ କ୍ଲୋରିନର ମାତ୍ର ୩୫-୩୮% ଥିସି । କାରଣ ରଖା ହୋଇଥିବା ବ୍ଲିଚିଂ ପାଉଡର ଧୀରେ ଧୀରେ ବିଘଟନ ହେସି ଆଉ କ୍ୟାଲସିୟମ କ୍ଲୋରାଇଡ ଆଉ କ୍ୟାଲସିୟମ କ୍ଲୋରେଟ୍‌ରେ ବଦ୍‌ଲିଯାଏସି । ସେଥିର୍‌ଲାଗି ସମୟ ସର୍‌ବାର୍ ସାଙ୍ଗେ ଉପଲବ୍ଧ କ୍ଲୋରିନର ପ୍ରତିଶତ୍ ବି କମିଯାଏସି ।

$$6\,CaOCl_2 \rightarrow 5\,CaCl_2 + Ca(ClO_3)_2$$

**ନିତି :**

ପାନିରେ ମୁକ୍ତ ହେଉଥିବା କ୍ଲୋରିନ୍, KI ସହ ପ୍ରତିକ୍ରିୟା କରି ଆୟୋଡିନ୍ ରୂପରେ ମୁକ୍ତ ହେସି । ଇ ମୁକ୍ତ ହୋଇଥିବା ଆୟୋଡିନ୍ ଷ୍ଟାର୍ଚକୁ ସୂଚକ ଭାବେ ବେଭାର କରି ସୋଡିୟମ୍ ଥାୟୋସଲଫେଟର ଗୁଟେ ମାନକ (standard) ଦ୍ରବଣ ବିରୁଦ୍ଧରେ ଟାଇଟ୍ରେଟ୍ କରାଯାଏସି ।

**ରାସାୟନିକ ପ୍ରତିକ୍ରିୟା :**

$$CaOCl_2 + H_2O \rightarrow Ca\,(OH)_2 + Cl_2$$

$$Cl_2 + H_2O \rightarrow HCl + HOCl$$

$$CaOCl_2 + 2KI + 2CH_3COOH \rightarrow CaCl_2 + 2CH_3COOK + H_2O + I_2$$

$$I_2 + Na_2S_2O_3 \rightarrow 2\,NaI + Na_2S_4O_6$$

$$I_2 + \text{Starch} \rightarrow \text{Starch Iodide complex (Blue colour)}$$

**କେନ୍ଦ୍ରା କର୍ମା :**

୨୫୦ ମିଲି କୋନିକାଲ୍ ଫ୍ଲାସ୍କରେ ଯୋଗାଇ ଦିଆଯାଇଥିବା ବ୍ଲିଚିଂ ପାଉଡର ଦ୍ରବଣର ୧୦ ମିଲି ପିପେଟ କର । ୧୫ ମିଲି ୧୦% KI ଦ୍ରବଣ ଆଉ ୧୦ ମିଲି ଦ୍ରବୀୟ (diluted) ଆସେଟିକ୍ ଏସିଡ୍ ଦ୍ରବଣ ମିଶାଅ । କୋନିକାଲ୍ ଫ୍ଲାସ୍କକୁ ୱାଚ୍ ଗ୍ଲାସ୍ ସହିତ ଘୋଡ଼ାଇ ଦିଅନ୍ତୁ ଏବଂ ଅନ୍ଧାରରେ ୫ ମିନିଟ୍ ପାଇଁ ରଖନ୍ତୁ । ୫ ମିନିଟ୍ ପରେ ମୁକ୍ତ ଆୟୋଡିନ୍ କୁ ଷ୍ଟାଣ୍ଡାର୍ଡ ହାଇପୋ (hypo) ଦ୍ରବଣ ସହ ଟାଇଟ୍ରେଟ୍ କର ଯେନ୍‌ଥିର୍ ଲାଗି ହାଲ୍‌କା ହଳଦିଆ ରଙ୍ଗ ଆସିବା । ୨ ରୁ ୩ ବୁନ୍ଦା ଷ୍ଟାର୍ଚ ସୂଚକ ମିଶାଅ ଆଉ ରଙ୍ଗହୀନ ଦ୍ରବଣ ହେବାର୍ ତକ୍ ଟାଇଟ୍ରେସନ୍ କର, ଯାହା ହେଉଛେ ଶେଷ୍ ବିନ୍ଦୁ । ଟାଇଟ୍ରେଟ୍ ମୂଲ୍ୟକୁ ଧାନ ଦିଅ । ସମାନ୍ ମୂଲ୍ୟ ପାଇବାର୍ ଲାଗି ଉପରୋକ୍ତ ପ୍ରକ୍ରିୟାକୁ ତିନିନ ଥର ପୁନରାବୃତ୍ତି କର ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ଦିଆଯାଇଥିବା $CaOCl_2$ ଦ୍ରବଣର ଆୟତନ (ମିଲି) | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ୍ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | ପାଖାପାଖି |
| ୦୨ | | | | | ସଂଗତ |
| ୦୩ | | | | | |
| ୦୪ | | | | | |

**ଗଣନା / ହିସାବ :**

ବ୍ଲିଚିଂ ପାଉଡର ଦ୍ରବଣର ସାନ୍ଦ୍ରତା = ୧୦ ଗ୍ରାମ / ଲିଟର

ଟାଇଟ୍ରେଟ୍ ମୂଲ୍ୟ = X ମିଲି

ଆମେ ଜାନିଛୁ ଯେ :

୧୦୦୦ ମିଲି ୧ N $Na_2S_2O_3$ = ୩୫.୫ ଗ୍ରାମ କ୍ଲୋରିନ୍

୧ ମିଲି ୧ N $Na_2S_2O_3$ ଦ୍ରବଣ = ୦.୦୩୫ ଗ୍ରାମ କ୍ଲୋରିନ୍

୧ ମିଲି "a N/10" $Na_2S_2O_3$ = ୦.୦୩୫ a ଗ୍ରାମ କ୍ଲୋରିନ୍

X ମିଲି "a N/10" $Na_2S_2O_3$ = ୦.୦୩୫ aX ମି.ଗ୍ରାମ କ୍ଲୋରିନ୍

ଏବେ ଦିଆଯାଇଥିବା ୧୦ ମିଲି ବ୍ଲିଚିଂ ପାଉଡର ଦ୍ରବଣରେ ୦.୦୦୩୫ aX ଗ୍ରାମ କ୍ଲୋରିନ ଅଛେ ।

ଦିଆଯାଇଥିବା ୧୦୦୦ ମିଲି ବ୍ଲିଚିଂ ପାଉଡର ଦ୍ରବଣରେ (୦.୦୦୩୫ ax / ୨୫ x ୧୦୦୦) = A ଗ୍ରାମ କ୍ଲୋରିନ୍ ଥିସି ।

**ଉପଲବ୍ଧ କ୍ଲୋରିନର % :**

୧୦ ଗ୍ରାମ $CaOCl_2$ ଦ୍ରବଣରେ A ଗ୍ରାମ ଉପଲବ୍ଧ କ୍ଲୋରିନ୍ ଅଛେ

୧୦୦ ଗ୍ରାମ $CaOCl_2$ ଦ୍ରଣରେ ୧୦ A ଗ୍ରାମ ଉପଲବ୍ଧ କ୍ଲୋରିନ୍ ଅଛେ

**ନିଷ୍କର୍ଷ :** ଦିଆଯାଇଥିବା ବ୍ଲିଚିଂ ପାଉଡର ଦ୍ରବଣରେ **......**ଉପଲବ୍ଧ କ୍ଲୋରିନ୍ ଅଛେ ।

# ପରୀକ୍ଷଣ - ୭

**ପରୀକ୍ଷଣର ଲକ୍ଷ୍ୟ** : ଚୂନ ପଥର୍‌ରେ କେତେ କ୍ୟାଲସିୟମ୍ ଅଛେ ବାହାର କରାଯିବା ।

**ଦରକାରୀ ଜିନିଷ :** ବ୍ୟୁରେଟ୍, ପିପେଟ, କୋନିକାଲର୍ ଫ୍ଲାସ୍କ ।

**ଦରକାରୀ ରାସାୟନିକ ଜିନିଷ :** $KMnO_4$ ଦ୍ରବଣ, ମାନକ ଆକ୍ସାଲିକ୍ ଏସିଡ୍ (N/10), ୮% ଆମୋନିୟମ୍ ଅକ୍ସାଲେଟ୍ ଦ୍ରବଣ, $NH_4Cl$, ଆମୋନିଆ ।

**ସିଦ୍ଧାନ୍ତ :** ଚୂନ ପଥର ମୂଳତଃ କ୍ୟାଲସିୟମ୍ କାର୍ବୋନେଟ୍‌ଥି ଗଠିତ ଲେକିନ୍ କମ୍ ପରିମାଣ୍‌ରେ ମ୍ୟାଗ୍ନେସିୟମ କାର୍ବୋନେଟ ଥିସି । ଡୋଲୋମାଇଟ୍ ହେଉଛେ କ୍ୟାଲସିୟମ କାର୍ବୋନେଟ ଆଉ ମ୍ୟାଗ୍ନେସିୟମ କାର୍ବୋନେଟର ଗୁଟେ ସମତୁଲ୍ୟ ଯୌଗିକ । ଇ ଖଣିଜଗୁଡ଼ାକ ସାଧାରଣତଃ ଲୌହ, ଆଲୁମିନିୟମ, ସିଲିକନ୍ (ମୁକ୍ତ କିମ୍ବା ମିଶ୍ରିତ) ଆଉ ଜୈବ ପଦାର୍ଥର ଅକ୍ସାଇଡ୍ ସହ ଦୂଷିତ ହେସି । ଖଣିଜ ପଦାର୍ଥଗୁଡ଼ାକର୍ ବହୁ ସଂଖ୍ୟକ ଶିଳ୍ପ ପ୍ରୟୋଗ ଅଛେ ଆଉ ଖଣିଜର ଗୁଣବତ୍ତା ଆଉ ଗୁଟେ ନିର୍ଦ୍ଦିଷ୍ଟ ବାଣିଜ୍ୟିକ ପ୍ରୟୋଗ ଲାଗି ଇତାର ଉପଯୁକ୍ତତା $CaCO_3$, $MgCO_3$ ଆଉ ଉପସ୍ଥିତି ଅନ୍ୟାନ୍ୟ ଉପାଦାନର ପରିମାଣ ଉପ୍‌ରେ ନିର୍ଭର କର୍‌ସି । ସେଥିର୍ ଲାଗି ସମ୍ପୂର୍ଣ୍ଣ ବିଶ୍ଳେଷଣ ପ୍ରାୟତଃ ଆବଶ୍ୟକ ହେସି ।
ଇ ପଦ୍ଧତିଥି ଚୂନ ପଥର ପାଉଡରକେ ହାଇଡ୍ରୋକ୍ଲୋରିକ ଅମ୍ଳରେ ଦ୍ରବୀଭୂତ କରାଯାଏସି ଆଉ ଆମୋନିଆ ଥାଇକରି ଅକ୍ସାଲିକ୍ ଏସିଡ୍ କିମ୍ବା ଆମୋନିୟମ୍ ଅକ୍ସାଲେଟ୍ ବ୍ୟବହାର କରି ଦ୍ରବଣରେ ଥିବା କ୍ୟାଲସିୟମ୍‌କେ ଅକ୍ସାଲେଟ୍ ଭାବରେ ଅବଶଶୋଷିତ ହେସି । ଧୋଇଲା ପରେ ଅବଶୋଷିତ କ୍ୟାଲସିୟମ୍ ଅକ୍ସାଲେଟ୍‌କେ ଦ୍ରବୀୟ ସଲଫ୍ୟୁରିକ୍ ଏସିଡ୍ ସହ ପ୍ରତିକ୍ରିୟା କରାଯାଏସି ଆଉ ମୁକ୍ତ ହେଇଥିବାର୍ ଅକ୍ସାଲିକ୍ ଏସିଡ୍‌କେ ନିର୍ଦ୍ଦିଷ୍ଟ ମାନକ $KMnO_4$ ଦ୍ରବଣ ସଙ୍ଗେ ଟାଇଟ୍ରେଟ୍ କରାଯାଏସି । ଟାଇଟ୍ରେସନ ଲାଗି ଦରକାର୍ $KMnO_4$ ଆୟତନରୁ, ଇ ଖଣିଜ ପଥର୍‌ରେ ଥିବା କ୍ୟାଲସିୟମ୍‌ର ମାତ୍ରା ହିସାବ କରାଯାଇପାର୍‌ବା ।

$$1 \text{ ml of } 1 \text{ N } KMnO_4 = 0.020 \text{ gm of Ca}$$

$$1 \text{ ml of } 1 \text{ N } KMnO_4 = 0.028 \text{ gm CaO}$$

$$1 \text{ ml of } 1 \text{ N } KMnO_4 = 0.050 \text{ gm of } CaCO_3$$

**ରାସାୟନିକ ପ୍ରତିକ୍ରିୟା :**

$$CaCO_3 + 2HCl \longrightarrow CaCl_2 + H_2O + CO_2,$$

$$CaCl_2 + (NH_4)_2C_2O_4 \longrightarrow CaC_2O_4 + 2NH_4Cl$$

$$CaC_2O_4 + H_2SO_4 \longrightarrow CaSO_4 + H_2C_2O_2$$

$$2KMnO_4 + 3H_2SO_4 \longrightarrow K_2SO_4 + 2MnSO_4 + 5[O] + 3H_2O$$

$$5H_2C_2O_2 + 5[0] \longrightarrow 5H_2O + 10CO_2$$

**କେନ୍ଦ୍ରା କର୍ମା :**

ଗୁଟେ ବିକରରେ ୧ ଗ୍ରାମ ଚୁନ ପଥରକେ ସଠିକ୍ ଭାବେ ଓଜନ କର ଆଉ ଖଣିଜ ପଥରକେ ଦ୍ରବୀଭୂତ କର୍‌ବାର୍ ଲାଗି ଇଟାକେ ଅମ୍ଳ ଦ୍ରବ୍ୟଯ୍ HCl ସହ ବିଶୋଧନ କର । ଦେଖ୍‌ବ ଯେନ୍‌ତା $CO_2$ ଗ୍ୟାସ୍ ଦ୍ରୁତଗତିରେ ବାହାରିବା ଲାଗି ଦ୍ରବଣ ନଷ୍ଟ ନାଇ ହୁଏ, ସେଥିର୍‌ଲାଗି ବିର୍କେ ବୃତ୍ତାକାର କାଚ ଥି ଘୋଡାଇ ରଖ । ସବୁ ଚୂନ ପଥର ଦ୍ରବୀଭୂତ ହେଲା ପରେ ବୃତ୍ତାକାର କାଚ୍‌କେ ପାଣିଥି ଧୁଇକରି ସେଇ ବୀକର ରେ ମିଶାଅ । ତାପରେ ଆମୋନିଆକେ ମିଶାଇକରି ଦ୍ରବଣକେ କ୍ଷାରୀୟ କର । ତାପରେ ୧ ଗ୍ରାମ ଆମୋନିୟମ୍ କ୍ଲୋରାଇଡ୍ ($NH_2Cl$) ମିଶାଅ ଆଉ ଦ୍ରବଣଟା ଦ୍ରବିଭୂତ ହେବାର୍ ତକ୍ ମିଶାଅ । ମିଶ୍ରଣ ଜାରିରଖି ଅଧିକା ପରିମାଣର ୮% ଆମୋନିୟମ୍ ଅକ୍ସାଲେଟ୍ ଦ୍ରବଣକେ ଆଉ ଦ୍ରବୀଭୂତ କର । ତାହାପରେ ଦ୍ରବଣକେ ଫୁଟାଅ ଆଉ କ୍ୟାଲସିୟମ୍ ଅକ୍ସାଲେଟ୍ ଅବଶେଷକେ ସ୍ଥିର ହେବାକେ ଦିଅ । ସ୍ୱଚ୍ଛ ଦ୍ରବୀୟକେ ଛାଣଣୀ କାଗଜ ଦ୍ୱାରା ଅଲଗା କର, କ୍ଲୋରାଇ୍ ଆଉ ଅକ୍ସାଲେଟ୍ ଆୟନ (କ୍ଲୋରାଇଡ୍ ଲାଗି $AgNO_3$ ଆଉ ଅକ୍ସାଲେଟ୍ ଲାଗି ଗରମ ଏସିଟିଲେଟେଡ୍ ଦ୍ରବୀୟ $KMnO_4$ ସହ ପରୀକ୍ଷଣ କରି) ମୁକ୍ତ ନାଇ ହେବାର୍ ତକ୍ କମ୍ ଆମୋନିୟମ୍ ହାଇଡ୍ରୋକ୍ସାଇଡ୍ ଯୁକ୍ତ ଗରମ ପାତନ ପାନି ସହ ଅବଶେଷକେ ଅନେକ ଥର ଧୁଇ ଦିଅ । ମ୍ୟାଗ୍ନେସିୟମ୍ ବାହାର କରବାର୍ ଲାଗି ଇ ଅବଶେଷକେ ସଂରକ୍ଷଣ କର । ଦରକାର୍ ହେଲେ, ମ୍ୟାଗ୍ନେସିୟମ୍‌କେ ମ୍ୟାଗ୍ନେସିୟମ୍ ପାଇରୋଫସଫେଟ୍ ରୂପେ ବାହାର କର ।

ଫନେଲ ତଲେ ଅବଶେଷ ଥିବା ବିକର୍‌କେ ରଖ ଆଉ ଛାଣଣୀ କାଗଜଥି ଥିବା କ୍ୟାଲସିୟମ ଅକ୍ସାଲେଟକେ ଦ୍ରବୀଭୂତ୍ କରିବାର୍ ଲାଗି ଫିଲ୍ଟର ପେପରଥି ୨୦ ରୁ ୨୫ ମିଲି ୫N $H_2SO_4$ କେ ମିଶାଅ । ଇ ଏସିଡ୍ ବିକରଥି ଥିବା କ୍ୟାଲସିୟମ ଅକ୍ସାଲେଟ୍ ଅବକ୍ଷେପଣକେ ବି ଦ୍ରବୀଭୂତ କରିଦେସି । ଛାଣଣୀ କାଗଜ କେ ପାତନ ପାଣିଥି ଧୁଇ ଦିଅ ଆଉ ସେଇ ଧୂଆ ପାଣି ବି ସମାନ ବିକରଥି ସଂଗ୍ରହ କର । ଇ ଦ୍ରବଣକେ ପରିମାଣାତ୍ମକ ଭାବେ ୨୫୦ ମିଲି ମାପ ଫ୍ଲାସ୍କଥି ସ୍ଥାନାନ୍ତର କର, ଆଉ ଇଥିରେ ଚିହ୍ନ ତକ୍ ପାତନ ପାଣି ଭର ଆଉ ଦ୍ରବଣକେ ଭଲ ଭାବେ ମିଶାଅ । ୨୫ ମିଲି ଦ୍ରବଣକେ ଗୁଟେ କୋନିଜାଲ ଫ୍ଲାସ୍କରେ ନିଅ, ସେଥିରେ ୧୦ ମିଲି ଦ୍ରବୀୟ $H_2SO_4$ ମିଶ୍ରଣ କରି ଦ୍ରବଣକେ ପ୍ରାୟ ୭୦ $^0C$ ଥି ଗରମ କର୍ ଆଉ ମାନକ $KMnO_4$ ଦ୍ରବଣ (ଯାହା ପରେ ପହେଲା ମାନକ ଅକ୍ସାଲିକ୍ ଏସିଡ୍ ଦ୍ରବଣ ସହିତ ମାନକୀକରଣ କରାଯାଇଥିଲା) ସାଙ୍ଗେ ଟାଇଟ୍ରେଟ୍ କର ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ଅକ୍ସାଲିକ୍ ଏସିଡ୍ ଦ୍ରବଣର ପରିମାଣ | ବ୍ୟୁରେଟ୍ ପଠନ (ମିଲି) | | ତଫାତ୍ (ମିଲିରେ) | ମନ୍ତବ୍ୟ |
|---|---|---|---|---|---|
| | | ପହେଲା ବ୍ୟୁରେଟ୍ ପଠନମୂଲ୍ୟ (IBR) | ଶେଷ ବ୍ୟୁରେଟ୍ ପଠନମୂଲ୍ୟ (FBR) | | |
| ୦୧ | | | | | |
| ୦୨ | | | | | |
| ୦୩ | | | | | |
| ୦୪ | | | | | |

**ପରିକଳନ :**

ନିଆଯାଇଥିବା ପଥରର ଓଜନ = ୧ ଗ୍ରା.ମ

ପ୍ରସ୍ତୁତ ଅକ୍ସାଲିକ୍ ଏସିଡ୍ ଦ୍ରବଣର ଆୟତନ = ୨୫୦ ମି.ଲି.

ପ୍ରତ୍ୟେକ ଟାଇଟ୍ରେସନ୍ ଲାଗି ନିଆଯାଇଥିବା ଅକ୍ସାଲିକ୍ ପରିମାଣ = ୨୫ ମି.ଲି.

$KMnO_4$ ଦ୍ରବଣର ଆୟତନ = X ml

$KMnO_4$ ର ମାନକୀରଣ :

୨୫ ମିଲି N/୧୦ ଅକ୍ସାଲିକ୍ ଏସିଡ୍ = ୨୫ ମି.ଲି. N/୧୦ $KMnO_4$ ଦ୍ରବଣ

ସାଧାରଣତା $KMnO_4$ ର ମାନକ N/୧୦

ଏବେ, ଆମେ ଜାଣିଛୁ ଯେ

୧ ମିଲି ୧ N $KMnO_4$ = ୦.୦୨ ଗ୍ରା.ମ Ca

୧୯.୩ ମିଲି N/୧୦ $KMnO_4$ = ୦.୦୨ x X x ୧/୧୦ ଗ୍ରା.ମ Ca

ତେଣୁ, ୨୫ ମିଲି ଦ୍ରବଣରୁ ୦.୦୨ x X ଗ୍ରାମ Ca ଥିସି

୨୫୦ ମିଲି ଦ୍ରବଣରୁ ୦.୦୨ x X ଗ୍ରାମ Ca ଥିସି

ଏବେ, ୧ ଗ୍ରାମ ପଥରରୁ ୦.୦୨ x X ଗ୍ରାମ Ca ଅଛେ

୧୦୦ ଗ୍ରାମ ଖଣିଜ ପଦାର୍ଥରୁ ୦.୦୨ x X x ୧୦୦ ଗ୍ରା.ମ ଥିସି = x ଗ୍ରା.ମ Ca

% ଧାତୁରୁ ଥିବା Ca = ୩୮.୬% = ୯୬.୫% $CaCO_3$

**ନିଷ୍କର୍ଷ :** ଦିଆଯାଇଥିବା ଚୂନ ପଥରରେ x % Ca ବାହାରିଲା ।

# ପରୀକ୍ଷଣ - ୮

**ପରୀକ୍ଷଣର ଲକ୍ଷ୍ୟ** : ପେନସ୍କି-ମାର୍ଟେନ୍ସ ଫ୍ଲାସ୍ ପଏଣ୍ଟ ଉପକରଣ ବ୍ୟବହାର କରି ତେଲର ଫ୍ଲାସ୍ ପଏଣ୍ଟ ବାହାର କର ।

**ଦରକାରୀ ଜିନିଷ :** ପେନସ୍କି-ମାର୍ଟେନର ବନ୍ଦ କପ୍ ଫ୍ଲାସ୍ ପଏଣ୍ଟ ଉପକରଣ, ଥର୍ମୋମିଟର, ମାପକ ସିଲିଣ୍ଡର, LV ବିକର) ।

**ଦରକାରୀ ରାସାୟନିକ ଜିନିଷ :** ଦିଆଯାଇଥିବା ତେଲ ନମୁନା

**ସିଦ୍ଧାନ୍ତ :** ତେଲର ଫ୍ଲାସ୍ ବିନ୍ଦୁକେ ସବୁନୁ କମ୍ ତାପମାତ୍ରା ଭାବେ ପରିଭାଷିତ କରାଯାଏସି ଯେନ୍‌ଥିରେ ଇ ବାଷ୍ପ ଦେସି, ଯେନ୍ ପବନ ସଙ୍ଗେ ମିଶିକରି ଗୁଟେ ଜ୍ୱଳନଶୀଳ ମିଶ୍ରଣ ତିଆର୍ କରସି ଆଉ ପାଇଲଟ୍ ଶିଖା ପ୍ରୟୋଗ କର୍‌ଲେ ଆଲୋକ୍‌ର ଝଲସ ଦେସି । ଇ ନିଆଁର ବିପଦକେ ଅଟକାର୍‌ବାର୍ ଲାଗି ଦରକାର ତେଲର ଅସ୍ଥିରତା ବିଷୟରେ ସୂଚନା ଦେସି ।

**ଅଗ୍ନିବିନ୍ଦୁ** ହେଉଛେ ସବୁଠାନୁ କମ୍ ତାପମାତ୍ରା ଯେନ୍‌ଠାନେ ତେଲ ଦ୍ୱାରା ପର୍ଯ୍ୟାପ୍ତ ବାଷ୍ପ ବଢ଼ୁଯାଏସି, ଆଉ ପବନ ସାଙ୍ଗେ ମିଶିକରି ଗୁଟେ ମିଶ୍ରଣ ତିଆର କରସି । ଯେତେବେଲେ ପାଇଲଟ୍ ଶିଖା ପାଖକେ ମିଶ୍ରଣ ପାଖ୍‌କେ ଅନାଯାଏସି ଇଟା ଅତିକମ୍‌ରେ ୫ ସେକେଣ୍ଡ ଲାଗି ଜଲ୍‌ସି ।

**ଫ୍ଲାସ୍ ବିନ୍ଦୁ** ତେଲର ଅସ୍ଥିରତା ପ୍ରବୃତ୍ତିର ଗୁଟେ ଆଭାସ ଦେସି ସେଥିର୍‌ଲାଗି ଉତ୍ପାଦର ସମାନତା ବଜାୟ୍ ରଖିବାର୍ ଲାଗି ପ୍ରକ୍ରିୟା ନିୟନ୍ତ୍ରଣରେ ଉପଯୋଗୀ ତେଲର ଅଗ୍ନି ବିନ୍ଦୁ ଇତାର୍ ଫ୍ଲାସ୍ ବିନ୍ଦୁଠାନୁ ପ୍ରାୟ ୪୦° ଅଧିକା । ଗୁଟେ ଲୁବ୍ରିକେଣ୍ଟର ବ୍ୟବହାର, ପରିବହନ ଆଉ ସଂରକ୍ଷଣ ସମୟ୍‌ଥି ଅଗ୍ନି ବିପଦ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କର୍‌ସି । ପେନିକ୍ସ ମାର୍ଟେନ୍ସ ବନ୍ଦ କପ୍ ଉପକରଣ ବେଭାର୍ କରି ଫ୍ଲାସ୍ ଆଉ ଅଗ୍ନି ବିନ୍ଦୁ ବାହାର କରାଯାଇପାର୍‌ବା ।

**କେନ୍ତା କର୍‌ମା :**

ଉପକରଣରେ ଦିଆଯାଇଥିବା କପରେ ଦିଆଯାଇଥିବା ତେଲ ନମୁନା ନିଅ । ଢାକଣା ସଙ୍ଗେ କପ୍‌କେ ବନ୍ଦ୍ କର ଆଉ ଥର୍ମୋମିଟରକେ ଇତାର୍ ଜାଗାରେ ରଖ । ବୈଦ୍ୟୁତିକ ଗରମ ପ୍ରଣାଳୀକେ ଏନ୍ତା ଭାବେ ସମନ୍ୱୟ୍ କର ଯେ ୭ ମିନିଟରେ ତାପମାତ୍ରା ପ୍ରାୟ୍ ୧ °C ବଢ଼ିଯିବା । ପାଇଲଟ୍ ଅଗ୍ନିକେ ଜଳୁଥିବା ଅବସ୍ଥାରେ ରଖ ଆଉ ଲଗାତର୍ ଘାଣ୍ଟିବା ସହ ତାପନ୍ ଜାରି ରଖ । ପାଇଲଟ୍ ଶିଖା ଜଳାଇ ରଖ । ଆନୁମାନିକ ଫ୍ଲାସ୍ ପଏଣ୍ଟ ପାଇବାର୍ ଲାଗି ପ୍ରତି ୫ °C ବ୍ୟବଧାନ୍‌ଥି ମାପନ ଫଳାଫଳ ନିଅ । ତେଲକେ ୫ °C ଅନ୍ତରାଳ ସହ ଥଣ୍ଡା ହେବାକେ ଦିଅ ଆଉ ଫ୍ଲାସ୍ ପଏଣ୍ଟ ପାଇବାର୍ ତକ୍ ତାପମାତ୍ରାଥି ପ୍ରତ୍ୟେକ ୧ °C ବୃଦ୍ଧି ସହିତ ମାପନ ଫଳାଫଳ ନିଅ । ଫ୍ଲାସ୍ ହେଲା ପରେ, ତାପମାତ୍ରାକେ ପ୍ରାୟ୍ ୫ °C ଅଧିକା ବଢ଼୍‌ବା କେ ଦିଅ ଆଉ ଗରମ କର୍‌ବାର୍ ବନ୍ଦ କର । ଲଗାତର୍ ଅନ୍ତରାଳ ସହ ତେଲକେ ଥଣ୍ଡା ହେବାକେ ଦିଆ ଆଉ ପ୍ରତି ୧ °C ତାପମାତ୍ରା କମ୍ ସହ ମାପନ ଫଳାଫଳ ନିଅ ଯେତ୍‌କିବେଲ ତକ୍ କେନ୍‌ସି ଫ୍ଲାସ୍ ନାଇ ହୁଏ । ଫ୍ଲାସ୍ ହେଉଥିବା ସବୁଠାନୁ କମ୍ ତାପମାତ୍ରା ତେଲର ଫ୍ଲାସ୍ ବିନ୍ଦୁ ଦେସି ।

## ଗଣାଲେଖା : ୦୧ (ଆନୁମାନିକ ଫ୍ଲାସ ପଏଣ୍ଟ ଲାଗି ପର୍ଯ୍ୟବେକ୍ଷଣ)

| ପର୍ଯ୍ୟବେକ୍ଷଣ ସଂଖ୍ୟା | ତାପମାତ୍ରା ବୃଦ୍ଧି (୫° ତାପ ବୃଦ୍ଧି) | ମନ୍ତବ୍ୟ |
|---|---|---|
| 1 | | |
| 2 | | |
| 3 | | |
| 4 | | |
| 5 | | |
| 6 | | |
| 7 | | |
| 8 | | |
| 9 | | |
| 10 | | |




ସାରଣୀ ୦୧ : ପେନସ୍କି ମାର୍ଟେନଙ୍କ ଫ୍ଲାସ୍ ପଏଣ୍ଟ ଉପକରଣ

## ଗଣାଲେଖା : ୦୨ (ଫ୍ଲାସ ପଏଣ୍ଟ ନିର୍ଣ୍ଣୟ)

| ସଂଖ୍ୟା ପର୍ଯ୍ୟବେକ୍ଷଣ | ତାପମାତ୍ରା (୧ °C) ବୃଦ୍ଧି ଦ୍ୱାରା | ମନ୍ତବ୍ୟ | ସଂଖ୍ୟା ପର୍ଯ୍ୟବେକ୍ଷଣ | ତାପମାତ୍ରା (୧ °C) ବୃଦ୍ଧି ଦ୍ୱାରା | ମନ୍ତବ୍ୟ |
|---|---|---|---|---|---|
| 1 | | | 1 | | |
| 2 | | | 2 | | |
| 3 | | | 3 | | |
| 4 | | | 4 | | |
| 5 | | | 5 | | |
| 6 | | | 6 | | |
| 7 | | | 7 | | |
| 8 | | | 8 | | |
| 9 | | | 9 | | |
| 10 | | | 10 | | |

**ନିଷ୍କର୍ଷ :**

ଦିଆଯାଇଥିବା ତେଲର ଫ୍ଲାସ୍ ବିନ୍ଦୁ ହେଉଛେ ________ $^0$C = _______ $^0$F । ଦିଆଯାଇଥିବା ତେଲର ଅଗ୍ନି ବିନ୍ଦୁ ହେଉଛେ ________ $^0$C = _______ $^0$F ।

## ପରୀକ୍ଷଣ - ୯

**ପରୀକ୍ଷଣର ଲକ୍ଷ୍ୟ** : ରେଡଉଡ୍ ଭିସକୋମିଟ'ର ବ୍ୟବହାର କରି ଗୁଟେ ଲୁବ୍ରିକେଟିଂ ତେଲ କେତେ ଗାଢ଼ ସାନ୍ଦ୍ରତା ବାହାର କରାଯିବା ।

**ଦରକାରୀ ଜିନିଷ :** ରେଡଉଡ୍ ଭିସକୋମିଟ'ର, ତାପମାପୀ, ଷ୍ଟପୱାଚ୍

**ଦରକାରୀ ରାସାୟନିକ ଜିନିଷ :** ଲୁବ୍ରିକେଟିଂ ତେଲ

**ସିଦ୍ଧାନ୍ତ :** ଭିସ୍କୋସିଟି ହେଉଛେ ଗୁଟେ ତରଳ ପଦାର୍ଥର ଗୁଣ ଯାହାର ଲାଗି ଇତାର୍ ପ୍ରବର୍କେ ପ୍ରତିରୋଧ କର୍‌ସି । ସେଥିର୍ଲାଲଗି ଇଟା ତରଳ ପଦାର୍ଥର ଆଭ୍ୟନ୍ତରୀଣ ପ୍ରତିରୋଧର ଗୁଟେ ମାପ ଆଉ ଇତାର ନିର୍ଣ୍ଣୟ ସାଧାରଣତଃ ଲୁବ୍ରିକେଟିଂ ତେଲ କ୍ଷେତ୍ରରେ କରାଯାଏ । ଇତାର୍ ଯେନ୍‌ସି ଲୁବ୍ରିକେଟିଂ ତେଲର ସବୁଠାନୁ ଗୁରୁତ୍ୱପୂର୍ଣ୍ଣ ଗୁଣ, କାରଣ ଇଟା ମୁଖ୍ୟ କାରକ ଯାହାର ଗୁଟେ ଲୁବ୍ରିକେଟିଂର କାମ୍ କର୍‌ବାର୍ ଗୁଣଗୁଡ଼ାକ ବାହାର କର୍‌ସି ।

ଯେନ୍ କେନ୍‌ସି ତାପମାତନ୍ରୁ ତେଲର ପରମ ସାନ୍ଦ୍ରତା ଗୁଟେ କୈଶିକ ନଳୀ ମାଧମଥି ତେଲର ପ୍ରବାହ ହାର ମାପି ବାହାର କରାଯାଏସି । ସାଧାରଣତଃ **ମାନକ** ପରିସ୍ଥିତିରେ ଗୁଟେ ମାନକ ପରିମାଣର କୈଶିକ ମାଧମଥି ଗୁଟେ ନିର୍ଦ୍ଦିଷ୍ଟ ପରିମାଣର ତେଲ ନିଜର୍ ଓଜନ ତଳେ ପ୍ରବାହିତ ହେବାର୍ ଲାଗି ଲାଗୁଥିବାର୍ ସମୟକେ ମାପି ବାହାର କରାଯାଏସି । ତେଲର ସାନ୍ଦ୍ରତା ମାପ ଲାଗି ଭେବାର୍ ହେଉଥିବା ଉପକରଣକେ ଭିସ୍କୋମିଟ'ର କୁହାଯାଏସି । ରେଡଉଡ୍ ଭିସ୍କୋମିଟ'ର ସାଧାରଣତଃ ଅନୁଭୂତିଶୀଳ ଏକକରେ ନୁହେଁ ବରଂ ଅଭିଜ୍ଞତାମୂଳକ ଏକକଥି ଲୁବ୍ରିକେଟିଂ ତେଲର **ସାନ୍ଦ୍ରତା ମାପ** ଲାଗି ବେଭାର୍ ହେସି ।

ସୂତ୍ର ହିସାବେ, **ରେଡଉଡ୍ ଭିସକୋମିଟର ଦ୍ୱାରା ତରଳ ପଦାର୍ଥର ସମ୍ପୂର୍ଣ୍ଣ ଆଉ ଗତିଜ ସାନ୍ଦ୍ରତା** ବାହାର କରାଯାଇପାରିବା ।

ସମ୍ପୂର୍ଣ୍ଣ ସାନ୍ଦ୍ରତା = $\left(\alpha t - \frac{\beta}{t}\right)\rho$

ଗତିକ ସାନ୍ଦ୍ରତା (V) = $\frac{\text{Absolute Viscosity}}{\rho} = \alpha t - \frac{\beta}{t}$

କେନ୍‌ଠାନେ,

V = ସେଣ୍ଟଷ୍ଟୋକ୍ସରେ ତେଲର ଗତିଜ ସାନ୍ଦ୍ରତା ।

T = କୈଶିକା ମାଧମରେ ପ୍ରବାହିତ ତେଲର ଏକ ନିର୍ଦ୍ଦିଷ୍ଟ ପରିମାଣ ଲାଗି ସେକେଣ୍ଡରେ ପ୍ରବାହ ସମୟ

$\rho$ = ତେଲର ଘନତ୍ୱ

$\alpha$ ଏବଂ $\beta$ ହେଉଛି ଯନ୍ତ୍ର ସ୍ଥିର ।

$\alpha$ ଏବଂ ର ମୂଲ୍ୟ $\beta$ ତଳେ ଦିଆଯାଇଛେ :

| ୫୦ ମିଲି ଲାଗି ପ୍ରବାହ ସମୟ ସେକେଣ୍ଡରେ | α | β |
|---|---|---|
| ୩୪-୧୦୦ | 0.00260 | 0.00260 |
| ୧୦୦ ରୁ ଅଧିକ | 0.00247 | 0.00247 |

ମୂଲ୍ୟଗୁଡ଼ାକ ସେଣ୍ଟିଷ୍ଟୋକ୍ସ ୟୁନିଟରେ ଗଣନା କରାଯାଏସି ।




ଚିତ୍ର ୦୧ : ରେଡଉଡ୍ ଭିସକୋମିଟର ।

**କେନ୍ତା କରମା :**

ତେଲ କପରେ ତେଲ ନେବା ଆଗରୁ ନିଶ୍ଚିତ କର ଯେ ତେଲ କପ୍‌ଟା ସଫା ଆଉ ଶୁଖା ଅଛେ ଆଉ ତେଲ ପ୍ରବାହ ଲାଗି କୈଶିକାଲିରେ କେନ୍‌ସି ବାଧା ନାଇନ । କୈଶିକାଲି ବନ୍ଦ କର ଆଉ କପଟାକେ ସ୍ତର ସୂଚକ ତକ୍ ତେଲ ନମୁନାଥି ପୂରଣ କର । ଗରମ ଜ୍ୟାକେଟ୍‌ରେ ଗରମ ପାନି ଭର, ଯାହାକେ ତେଲର ତାପମାତ୍ରାକେ ଅଲତା ମୂଲ୍ୟ ତକ ବଢ଼ାବାର୍ ଲାଗି ଗରମ କରାଯାଇପାରିବା ଯେନ୍‌ଠାନେ ମାପ କରିବାକେ ହେବା । ତେଲ କୋଠରୀ ମାଧମ୍‌ଥି ପ୍ରବାହିତ ହେବା ସମୟରେ ପହେଲା ମାପ କର ଆଉ ତଳେ ରଖାଯାଇଥିବା ମାପକ କୋହଲରାସ୍ ଫ୍ଲାସ୍କଥି ଠିକ୍ ୫୦ ମିଲି ତେଲ ସଂଗ୍ରହ ହେବା ସମୟକେ ସେକେଣ୍ଡରେ ରେକର୍ଡ କର । କୈସିକାଲି ବନ୍ଦ କର, ସମାନ ତେଲ ଦ୍ୱାରା ତେଲ କପକେ ଲେଭଲିଂ ଚିହ୍ନ ତକ୍ ଆଉଥରେ ଭର, ଗରମ କରି ତେଲ୍‌ର ତାପମାତ୍ରା ପ୍ରାୟ ୧୦-୧୫ $^0$C ( ୧୦ $^0$C ରୁ

କମ୍ ନୁହେଁ) ବଢ଼ାଅ ଆଉ ମାପକ କୋହଲରାସ୍ ଫ୍ଲାସ୍କରେ ଠିକ୍ ୫୦ ମିଲି ତେଲ ସଂଗ୍ରହ ହେଲା ପରେ ସେକେଣ୍ଡଥି ତାପମାତ୍ରା ଆଉ ଅନୁରୂପ ସମୟ ରେକର୍ଡ କର । ପାଞ୍ଚଟା ଭିନ୍ନ ତାପମାତ୍ରାରେ ମାପ ବାର୍ ବାର୍ କର । ବିଭିନ୍ନ ତାପମାତ୍ରାଥି ତେଲର ଗତିଗତ ସାନ୍ଦ୍ରତା ଗଣନା କର ଆଉ ତାପମାତ୍ରା ଆଉ ତେଲର ଗତିଗତ ସାନ୍ଦ୍ରତା ଭିତ୍ରେ ଗୁଟେ ଗ୍ରାଫ୍ ବନାଅ । ସେକେଣ୍ଡଥି ରେଡଉଡ୍ ସାନ୍ଦ୍ରତା ଭାବେ ହାରାହାରି ମୂଲ୍ୟ ରିପୋର୍ଟ କର ।

**ଗଣାଲେଖା :**

| ପର୍ଯ୍ୟବେକ୍ଷଣ ସଂଖ୍ୟା | ପହେଲା ତାପମାତ୍ରା ($^0C$) | ଶେଷ ତାପମାତ୍ରା ($^0C$) | ମଝି ତାପମାତ୍ରା ($^0C$) | ସମୟ (ସେକେଣ୍ଡ) | $\alpha$ ର ମୂଲ୍ୟ | $\beta$ ର ମୂଲ୍ୟ | ଗତିଜ ସାନ୍ଦ୍ରତା (ସେଣ୍ଟିଷ୍ଟୋକ୍) |
|---|---|---|---|---|---|---|---|
| ୧ | | | | | | | |
| ୨ | | | | | | | |
| ୩ | | | | | | | |
| ୪ | | | | | | | |
| ୫ | | | | | | | |

**ଗ୍ରାଫ୍ :** ତାପମାତ୍ରା ବନାମ କାଇନେମାଟିକ୍ ସାନ୍ଦ୍ରତା ଗ୍ରାଫ୍ ବନାଅ ।

**ଶେଷକଥା :**

ତାପମାତ୍ରା ବନାମ ଗତିଜ ସାନ୍ଦ୍ରତାର ଗୁଟେ ଗ୍ରାଫ୍ ପ୍ଲଟ ବନାଇ କରି ପାଇଥିବାର୍ ଇ ଶବ୍ଦ ସ୍ଲୋପିଂ ବକ୍ର ପ୍ରମାଣ କରସି ଯେ ଉପରୋକ୍ତଗୁଡ଼ାକ ପରସ୍ପର ସହ ବିପରୀତ ଭାବେ ଜଡ଼ିତ ଅର୍ଥାତ୍ ତାପମାତ୍ରା ବଢ଼ୁବାର୍ ସହ, ସାନ୍ଦ୍ରତା କମ୍‌ସି ଆଉ ବିପରୀତ ଭାବେ ଯୋଗାଣ ହୋଇଥିବା ତେଲର ସାନ୍ଦ୍ରତା ...... ରେଡଉଡ୍ ସେକେଣ୍ଡ ବୋଲି ଜଣାପଡ଼ସି ।

## ପରୀକ୍ଷଣ - ୧୦

**ପରୀକ୍ଷଣର ଲକ୍ଷ୍ୟ :** ଆସ୍ପିରିନ୍ (ଏସେଟିଲ ସାଲିସିଲିକ୍ ଏସିଡ୍) ବନାଯିବା ।

**ଦରକାରୀ ଜିନିଷ :** କନିକାଲ୍ ଫ୍ଲାସ୍କ, ବିକର (୧୦୦ ମିଲି), ବୁଚନର୍ ଫନେଲ୍

**ଦରକାରୀ ରାସାୟନିକ ଜିନିଷ :** ସାଲିସିଲିକ୍ ଏସିଡ୍, ଏସେଟିକ୍ ଏନହାଇଡ୍ରାଇଡ୍,

**ସିଦ୍ଧାନ୍ତ :** ସାଲିସିଲିକ୍ ଏସିଡ୍ ଏସେଟିଲେସନ୍ କର୍‌ବାର୍ ସଙ୍ଗେ ଏସେଟିଲ୍ ସାଲିସିଲିକ୍ ଏସିଡ୍ କି ଆସ୍ପିରିନ୍ ତିଆର ହେସି । ଏସେଟିଲେସନ୍ ଏସେଟିକ୍ ଏନହାଇଡ୍ରାଇଡ୍ ସହ ଜଲ୍‌ଦି ହେସି ଆଉ କିଛି ଗାଢ଼ ଗନ୍ଧକାମ୍ଳ (Con. $H_2SO_4$) ର ଉପସ୍ଥିତିଥି ଇଟା ଗୁଟେ ପ୍ରରୋଚକ ଭାବେ କାମ୍ କର୍‌ସି ।



**କେନ୍ତା କର୍‌ମା :**

୫ ଗ୍ରାମ ସାଲିସିଲିକ୍ ଏସିଡ୍ ଏବଂ ୭ ମିଲି ଏସିଟିକ୍ ଏନହାଇଡ୍ରାଇଡ୍‌କେ ୧୦୦ ମିଲି କନିକାଲ୍ ଫ୍ଲାସ୍କରେ ନିଅ । ଇତାର ୨ -୩ ବୁନ୍ଦା ଗାଢ଼ ଗନ୍ଧକାମ୍ଳ (Con. $H_2SO_4$) ପକାଅ, ଇତାକେ ଭାଲଭାବେ ମିଶାଅ ଆଉ ତାର୍ ପରେ ଫ୍ଲାସ୍କକେ ଗୁଟେ ପାନି ପାତ୍ରଥି ଗରମ କର, ତାପମାତ୍ରା ୬୦-୭୦ °C ଭିତ୍‌ରେ ରଖିକରି ୨୦ ମିନିଟ ତକ୍ ରଖ । ମିଶ୍ରଣକେ ଗୁଟେ ଥଣ୍ଡା ପାତ୍ରଥି ଅନବରତ ଘୁନର୍ନ କରି ଥଣ୍ଡା କର, ଇତାର ପ୍ରାୟ ୨୦ ମିଲି ଅତି ଥଣ୍ଡା ଜଳ ଯୁଡ଼୍ ଯେନ୍ତା ଅତିରିକ୍ତ ଏସେଟିକ୍ ଏନହାଇଡ୍ରାଇଡ୍ କେ ବିଘଟଣ କରିବାକେ ସାହାଯ୍ୟ କରିବା । କନିକାଲ୍ ଫ୍ଲାସ୍କଥି ଥିବା ଦ୍ରବ୍ୟକେ ୨୫୦ ମିଲି ବିକରଥି ୫୦ ଗ୍ରାମ ବରଫ ଗୁଣ୍ଡ ରଖିକରି ଘୁନର୍ନ କର, ଯେନ୍ତାକି, ସେଥି ଥିବା ଧଳା ପଦାର୍ଥ ଦେଖା ନାଇ ଯାଏ, ଫ୍ଲାସ୍କର ଭିତରର ସ୍ତରକେ ଗ୍ଲାସ୍ ରଡ୍ କି ଷ୍ଟେନଲେସ୍ ସ୍ଟିଲ୍ ସ୍ପାଚୁଲା ସହ ଘର୍ଷଣ କର । ବୁଚନର୍ ଫନେଲ୍ ମାଧମଥି ଫିଲ୍ଟର କର ଆଉ ଫିଲ୍ଟର କାଗଜର ଫୋଲ୍ଡ ଭିତ୍‌ରେ ଦବାଇ କରି ଶୁଖା କର । ବାହାରିଥିବା ଏସେଟିଲ୍ ସାଲିସିଲିକ୍ ଏସିଡ୍‌କେ ଏସେଟିକ୍ ଏସିଡ୍ ଆଉ ପାଣିର ସମାନ ଭାଗର ମିଶ୍ରଣରୁ ଆଉ ଥରେ crystallize (ଦାନାଦାର ରୂପ) କର ।

**ଶେଷକଥା :**

ଉତ୍ପାଦନ = ୫ ଗ୍ରାମ      ଗଲନସ୍ଥାନ = ୧୩୬-୧୩୭ °C

ଏସେଟିଲ୍ ଏସିଟିକ୍ ଅମ୍ଳ ଗରମ କର୍‌ବାର୍ ସମୟଥି ବିଘଟିତ ହୋଇଯାଏସି ଆଉ ଇଟା ସଂପୂର୍ଣ୍ଣ ଭାବେ ସ୍ପଷ୍ଟ ଗଲନାଙ୍କ ନାଇ ରଖେ ।